
ଧରିତ୍ରୀ
DHARITRI
August 20-26, 2023 ₹2/-





ପ୍ରଚ୍ଛଦ ପ୍ରସଙ୍ଗ

୪


# ଭୂମିକମ୍ପର କଥା

ଭୂମିକମ୍ପର ଭୟାବହତା କ'ଣ ତାହା କେବଳ ଅନୁଭବି ହିଁ ଜାଣେ । ସବୁଠୁ ବଡ଼ କଥା ହେଲା ଏହା ଆକସ୍ମିକ। ସେଇଥିପାଇଁ ଏହାର ଭୟାବହତା ସବୁଠୁ ଅଧିକ। ତେବେ କାହିଁକି ହୁଏ ଏହି ଭୂମିକମ୍ପ, କ'ଣ ରହିଛି ଏହାର କାରଣ ସେ ସମ୍ପର୍କରେ...



## ସୁଖଶାନ୍ତିରେ ରହିବା ପାଇଁ ବାସ୍ତୁ

ସୁଖଶାନ୍ତିରେ ରହିବାକୁ କିଏ ନ ଚାହେଁ। କିନ୍ତୁ ବେଳେବେଳେ ଏମିତି ହୁଏ କିଛି କାରଣ ନଥାଇ ବି ପରିବାରରେ ଅଶାନ୍ତି ବଢିଯାଏ। ସମ୍ପର୍କରେ ତିକ୍ତତା ଦେଖାଦିଏ। ତେଣୁ ପରିବାର ସଦସ୍ୟଙ୍କ ଭିତରେ ସମ୍ପର୍କ କେମିତି ମଜଭୁତ୍ ରହିବ ସେ ନେଇ ଜାଣନ୍ତୁ କିଛି ବାସ୍ତୁ ଟିପ୍ସ:



✲ ପରିବାରରେ ହସଖୁସିର ମାହୋଲକୁ ବଢାଇବା ପାଇଁ ପ୍ରତି ରୁମ୍‌ର ଦକ୍ଷିଣ-ପଶ୍ଚିମ ଦିଗରେ କ୍ରିମ୍ କଲର୍‌ର ଫୁଲଦାନୀରେ ହଳଦିଆ ରଙ୍ଗର ଫ୍ରେସ୍ ଫୁଲକୁ ରଖିବା ଉତ୍ତମ ହୋଇଥାଏ। ଫୁଲ ମଉଳିଗଲେ ତୁରନ୍ତ ତାହାକୁ ବଦଳାଇଦେବେ ଓ ଯେତେ ସମ୍ଭବ ଆର୍ଟିଫିସିଆଲ୍ ଫୁଲର କମ୍ ବ୍ୟବହାର କରିବେ।

✲ ଲିଭିଂ ରୁମ୍‌ର ଦକ୍ଷିଣ-ପଶ୍ଚିମ ଦିଗରେ କ୍ରିଷ୍ଟାଲ୍‌ର ଏକ ବଡ଼ ସାଇଜ ବଲ୍ ରଖିବା ଦ୍ୱାରା ପରିବାରରେ ସ୍ନେହପ୍ରେମ ବଢିଥାଏ ବୋଲି ବିଶ୍ୱାସ ରହିଛି। ଲିଭିଂ ରୁମ୍‌ରେ ମାତ୍ର ଗୋଟିଏ ହିଁ କ୍ରିଷ୍ଟାଲ୍ ବଲ୍ ରଖିବେ କିମ୍ବା ଟଙ୍ଗାଇଦେବେ, ଏକାଧିକ ରଖିବେ ନାହିଁ।

✲ ପରିବାରରେ ଏକତା ବୃଦ୍ଧି କରିବାକୁ ଚାହୁଁଥିଲେ, ଲିଭିଂ ରୁମ୍‌ର ଦକ୍ଷିଣ-ପଶ୍ଚିମ କାନ୍ଥରେ ଫ୍ୟାମିଲି ଫଟୋ ଲଗାଇପାରିବେ। ଦେଖିବେ ଉକ୍ତ ଫଟୋରେ ଯେମିତି ସବୁ ସଦସ୍ୟଙ୍କ ମୁହଁରେ ହସ ଭରି ରହିଥିବ।

✲ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ଭୋଜନ କରିବା ଦ୍ୱାରା ବି ଘରେ ଖୁସିର ମାହୋଲ ବଢିଥାଏ। ସବୁ ସମୟରେ ଯଦି ଏହା ସମ୍ଭବ ନହେଉଛି ତା'ହେଲେ ପ୍ରତିଦିନ ଗୋଟିଏ ଥର ହେଉନା କାହିଁକି ଏପରି କରିବାକୁ ଚେଷ୍ଟା କରିବା ଆବଶ୍ୟକ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୦-୨୬

**ମେଷ**
ଆର୍ଥିକ ଉନ୍ନତି, ନୂତନ ଯୋଜନାରମ୍ଭ, ପାରିବାରିକ ଅସ୍ଥିରତା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସ୍ଥିର ସିଦ୍ଧାନ୍ତ ନେବେ, ମିତ୍ରତା ସୃଷ୍ଟି କରିପାରନ୍ତି, , ରାଜନୀତିରେ ଦକ୍ଷତା ବୃଦ୍ଧି, ଯାନବାହନରେ ତ୍ରୁଟି, ନିର୍ମାଣରେ ପ୍ରତିବନ୍ଧକ, ସ୍ୱାସ୍ଥ୍ୟରେ ଉନ୍ନତି ॥

**ବୃଷ**
କର୍ମକ୍ଷେତ୍ରରେ ପ୍ରଶଂସା, ଦୃଢପଦକ୍ଷେପ ନେବେ, ଶାରୀରିକ ପୀଡା, ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି, ଅପେକ୍ଷାକୃତ ଅସୁବିଧା, ଭ୍ରାତୃ ଅଶାନ୍ତି, ବିପଦରୁ ରକ୍ଷା ପାଇବେ, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ରଭୂଷଣ ପ୍ରାପ୍ତି, ତିର୍ଥାଟନ ଚିନ୍ତା ॥

**ମିଥୁନ**
ସୁସ୍ଥ ମାନସିକତା, ପରିସ୍ଥିତି ବଦଳିବ, ଦୂରଯାତ୍ରା ଯୋଜନା, ପ୍ରଶାସନିକ ଆଲୋଚନା, ଆଇନ ସହାୟତାପ୍ରାପ୍ତି, କଳାରେ ଉତ୍କର୍ଷତା, କାଶକଫ ଜନିତ ପୀଡା, ସହଯୋଗ ମିଳିବ, ସ୍ଥିରତା ଫେରିପାଇବେ ॥

**କର୍କଟ**
ପ୍ରଶଂସିତ ହେବେ, କାମ ଅଟକିବ ନାହିଁ, ଆଶଙ୍କା ଦୂର ହେବ, ଦ୍ରବ୍ୟ ନଷ୍ଟ ହୋଇପାରେ, ଅବସାଦଗ୍ରସ୍ତ ହେବେ, ଉପରିସ୍ଥଙ୍କ ଅନୁଗ୍ରହ, ସାମାଜିକ ପ୍ରତିଷ୍ଠା, ନୂତନ କାର୍ଯ୍ୟାରମ୍ଭ ॥

**ସିଂହ**
ସମସ୍ୟା ଆସିପାରେ, ବାଣିଜ୍ୟ ମାନ୍ଦା ହେବ, କାର୍ଯ୍ୟଦକ୍ଷତା ବୃଦ୍ଧି, ପ୍ରଶଂସିତ ହେବେ, ଅସ୍ଥିରତା ଦୂର ହେବ, ନିର୍ମାଣରେ ବିବାଦ, ବିଳାସର ପ୍ରାଚୁର୍ଯ୍ୟ, ସ୍ୱାସ୍ଥ୍ୟହାନି, ଶୁଭଖବରପ୍ରାପ୍ତି, ବ୍ୟବସାୟରେ ଉନ୍ନତି ॥

**କନ୍ୟା**
ଯାତ୍ରାରେ ଲକ୍ଷ୍ୟପୂରଣ, ପାରିବାରିକ ସହମତି, ସ୍ୱଜନଙ୍କ ପ୍ରତିରୋଧ, ଅଶାନ୍ତି ଲାଗି ରହିବ, ଭ୍ରାତୃ ସମ୍ପର୍କ ବୃଦ୍ଧି, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ଏଜେନ୍ସିପର ପ୍ରସାର, ବିଭିନ୍ନ ସୂତ୍ରରୁ ରୋଜଗାର, ବିବାଦୀୟ ଘଟଣାର ଅବସାନ, ବକେୟା ଅର୍ଥ ଆଦାୟ, ଅଭୀଷ୍ଟ ସିଦ୍ଧି ॥

**ତୁଳା**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପଦମର୍ଯ୍ୟାଦା ବୃଦ୍ଧି, ବନ୍ଧୁ ବିରୋଧ, ଅପଦସ୍ତ ହୋଇପାରନ୍ତି, ମାନସିକ ଅସ୍ଥିରତା, ବିବାଦରେ ବିଜୟ, ବନ୍ଧୁ ମିଳନ, ପ୍ରତିବନ୍ଧକ ଦୂର ହେବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ନୂତନ ପଦକ୍ଷେପ ନେବେ ॥

**ବିଛା**
ଶାରୀରିକ ସୁସ୍ଥତା, ଅର୍ଥନୈତିକ ଅଭିବୃଦ୍ଧି, ପଡୋଶୀଙ୍କ ପ୍ରଶଂସା, ବନ୍ଧୁଙ୍କ ପରାମର୍ଶ, ଅଶୌଚ ଖବର ପାଇବେ, ପରିସ୍ଥିତିକୁ ସଜାଡିବେ, ସମସ୍ୟାର ମୁକାବିଲା, ଦ୍ରବ୍ୟ ଲାଭରୁ ଆନନ୍ଦ, ଶିକ୍ଷାରେ ସଫଳତା ॥

**ଧନୁ**
କର୍ମଜଞ୍ଜାଳ ବୃଦ୍ଧି, ନୂତନ ମିତ୍ରତା, ପୁତ୍ରକନ୍ୟାଙ୍କ ସମସ୍ୟା, ଲେଖାପଢାରେ ଉନ୍ନତି, ସ୍ୱାସ୍ଥ୍ୟରେ ଉନ୍ନତି, ଶୁଭଖବର ପାଇବେ, ପାରିବାରିକ ସଦ୍ଭାବ, ସାମୟିକ ବାଧା, ବିଚଳିତ ବୋଧ କରିବେ, ବ୍ୟବସାୟରେ ଶିଥିଳତା ॥

**ମକର**
ମାନସିକ ଶାନ୍ତି, ଦୈହିକ ଦୁର୍ବଳତା, ଅତ୍ୟଧିକ ପରିଶ୍ରମ, ଦୁଶ୍ଚିନ୍ତାଗ୍ରସ୍ତ ହେବେ, ରକ୍ତଚାପବୃଦ୍ଧି, ଅଭାବ ରହିବନି, ବୈବସାୟିକ ସଫଳତା, ଯାନ୍ତ୍ରିକ ଜିନିଷ ଲାଭ, ବିରୋଧୀଙ୍କ ବିରୋଧ, ଦ୍ୱନ୍ଦ୍ୱର ଅବସାନ, ନୂତନ ଯୋଜନାରମ୍ଭ ॥

**କୁମ୍ଭ**
ବନ୍ଧୁଙ୍କ ବଦାନ୍ୟତା, କାର୍ଯ୍ୟସିଦ୍ଧି, ସୁଖ ସନ୍ତୋଷ, ସ୍ୱାସ୍ଥ୍ୟରେ ବ୍ୟତିକ୍ରମ, ରୋଗପୀଡା, ଦେବଦର୍ଶନର ସୁଯୋଗ, ପରିଜନଙ୍କ ସହ ଭ୍ରମଣ, ମାଙ୍ଗଳିକ କାମର ଆଲୋଚନା, ବନ୍ଧୁ ମିଳନରୁ ଆନନ୍ଦ, ଯାତ୍ରାରେ ସଫଳତା, ଦୃଢ଼ପଦକ୍ଷେପ ନେବେ ॥

**ମୀନ**
ମାନସିକ ଦ୍ୱନ୍ଦ୍ୱ, ହିତୈଷୀଙ୍କ ପରାମର୍ଶ, ନିଷ୍ପତ୍ତିର ପରିବର୍ତ୍ତନ, ସୁସ୍ଥତା ଫେରିପାଇବେ, ପରୋକ୍ଷ ଶତ୍ରୁତା, ସ୍ଥଗିତ କାର୍ଯ୍ୟାରମ୍ଭ, ପ୍ରତିକୂଳତା ଦୂର ହେବ, ପରିସ୍ଥିତିର ଚାପ, ଭୂ-ସଂପତି ବିବାଦ, ଅର୍ଥନୈତିକ ପ୍ରଗତି, ଋଣ ପରିଶୋଧରୁ ଶାନ୍ତି ॥

## ଭାଗ୍ୟ ବଦଳାଇବ ଫୁଲ

ଫୁଲର ସୌନ୍ଦର୍ଯ୍ୟ କାହାକୁ ବା ଆକର୍ଷିତ ନ କରେ। ବିଶେଷକରି ଗୋଲାପ ଫୁଲ, ଯାହାକୁ କି ସ୍ନେହ ଓ ପ୍ରେମର ପ୍ରତୀକ ବୋଲି କୁହାଯାଏ। ଗୋଲାପ ଫୁଲ କେବଳ ସୁନ୍ଦର ଲାଗେ ତାହା ନୁହେଁ, ବାସ୍ତୁଶାସ୍ତ୍ର ଅନୁଯାୟୀ ଏହି ଫୁଲ ସୁଖସମୃଦ୍ଧି ବୃଦ୍ଧି କରିବାରେ ବି ବିଶେଷ ସହାୟକ ହୋଇଥାଏ। ଯଥା: ଘରେ ଯଦି ଅଭାବ ଲାଗି ରହୁଥାଏ, ତା'ହେଲେ ପ୍ରତି ଶୁକ୍ରବାର ଦିନ ପାନପତ୍ରରେ ପାଞ୍ଚଟି ଗୋଲାପ ଫୁଲର ପାଖୁଡ଼ା ରଖି ମା'ଦୁର୍ଗାଙ୍କୁ ଅର୍ପଣ କଲେ ଶୁଭଫଳ ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ଅଛି। ଅନ୍ୟପକ୍ଷେ ଘରର ଦକ୍ଷିଣ-ପଶ୍ଚିମ କୋଣରେ ଯଦି ପ୍ରତିଦିନ କିଛି ସତେଜ ନାଲି ଗୋଲାପ ଫୁଲକୁ ଫୁଲଦାନୀରେ ରଖି ଘର ସଜାଯାଏ ତା'ହେଲେ ଘରେ ସକାରାତ୍ମକ ଉର୍ଜ୍ଜା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। କେବଳ ଗୋଲାପ ଫୁଲ କାହିଁକି ଘରେ ମନ୍ଦାର ଫୁଲ ଥିଲେ ବି ସୁଖଶାନ୍ତି ବୃଦ୍ଧି ହୋଇଥାଏ ବୋଲି କୁହାଯାଏ। ବିଶେଷକରି ନାଲି ରଙ୍ଗର ମନ୍ଦାର ଫୁଲ ମଙ୍ଗଳ ଦୋଷ ଦୂର କରିବାରେ ସହାୟକ ହୋଇଥାଏ। ସେହିପରି ଅପରାଜିତା ଫୁଲ ଘରେ ରଖିଲେ ଦେବ ଦେବ ମହାଦେବ ଓ ମାତା ସତୀଙ୍କର କରୁଣା ମିଳିଥାଏ ବୋଲି ବିଶ୍ୱାସ ରହିଛି।



## ପାଠକୀୟ

✲ ବିପଦରେ ଯିଏ ପାଖରେ ଛିଡ଼ା ହୁଅନ୍ତି। ବିନା ସ୍ୱାର୍ଥ ଆଉ ସର୍ତ୍ତରେ ଯିଏ ସାହାଯ୍ୟର ହାତ ବଢାଇଥାନ୍ତି ସେ ହେଁ ପ୍ରକୃତ ବନ୍ଧୁ। ଯେ କେବଳ ଭାଗ୍ୟବାନ ଲୋକଙ୍କୁ ହିଁ ମିଳିଥାନ୍ତି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ ପାଇଁ' ବେଶ୍ ମନଛୁଆଁ ହୋଇପାରିଥିଲା। 'ବନ୍ଧୁତ୍ୱକୁ ଦୃଢ କରିବା ପାଇଁ', 'ଫ୍ରେଣ୍ଡଶିପ୍ ପ୍ଲାଣ୍ଟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରୋଜାଲିନ୍ ତ୍ରିପାଠୀ, ଚକେଇଶିଆଣି, ଭୁବନେଶ୍ୱର*

✲ ବନ୍ଧୁ ହେଉଛି ସିଏ, ଯିଏ ତୁମର ଲୁହକୁ ବୁଝିଥାଏ। ହସ ହସ ମୁହଁ ଭିତରୁ ବି ହୃଦୟରେ ଲୁଚି ରହିଥିବା କୋହକୁ ଦେଖିଥାଏ। ନିଜଠାରୁ ଅଧିକ ବିଶ୍ୱାସ ଥାଏ ଯାହା ଉପରେ। ତେଣୁ ସେମିତି କେତେଜଣ ନିଃସ୍ୱାର୍ଥପର ବନ୍ଧୁଙ୍କୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ ପାଇଁ'ଟି ଏକ ସମୟୋପଯୋଗୀ ତଥା ପ୍ରେରଣାଦାୟୀ ଆଲେଖ୍ୟ ଥିଲା। 'ବନ୍ଧୁ ପାଇଁ ଦିନଟିଏ' ପାଠରୁ ବହୁ ଉପଯୋଗୀ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ରାକେଶ ପଟ୍ଟନାୟକ, ପିପିଲି, ପୁରୀ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷୟିତ୍ରୀ ଡ.ଚପଳା ପଣ୍ଡାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଅବିନଶ୍ୱର' ଶୀର୍ଷକ ଗପ ତଥା 'କଲିଂବେଲ୍' ଓ 'ଠିକଣା' ଶୀର୍ଷକ କବିତା ଦୁଇଟି ବେଶ୍ ହୃଦୟଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଲାଗୁଥିଲା।

*– ପିତବାସ ରାଉତରାୟ, ଜଟଣୀ, ଖୋର୍ଦ୍ଧା*

✲ ଲେଖିକା ତଥା ଡାଏଟିସିଆନ୍ ଜ୍ୟୋତ୍ସ୍ନା ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ସ୍ଥାପତ୍ୟ ପ୍ରେମରେ ପଡି ନରୋତ୍ତମ ଦାସ କିପରି ନିଜର କ୍ୟାରିୟର୍ ଗଢିପାରିଛନ୍ତି ତାହା ବି ବହୁତ ମନଛୁଆଁ ହୋଇପାରିଥିଲା। ମଡେଲ୍ ମିରର୍‌ରେ ଏଲି ବେଶ୍ ସୁନ୍ଦରୀ ଲାଗୁଥିଲେ।

*– ଝରଣା ଦାଶ, ସମ୍ବଲପୁର*

✲ ଶାନ୍ତି ପ୍ରିୟ ଗାଁ ନାକୋ ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା। ବିବିଧା ପୃଷ୍ଠାରୁ 'ସାଧବ ବୋହୂ' ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ହାଇ ହିଲ ପିନ୍ଧି ଦୌଡିଲେ','ପେପର୍ କପ୍‌ରେ ଦର୍ଶନୀୟ ସ୍ଥାନ','ସୁପର୍ ଗାଡ଼ି' ଆଦି ପାଠ ଯେତିକି ଶିକ୍ଷଣୀୟ ଥିଲା ସେତିକି ତଥ୍ୟପୂର୍ଣ୍ଣ ହୋଇଥିଲା। 'ଚୋରି ମାହାତ୍ମ୍ୟ' ଶୀର୍ଷକ ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ତଥା ପ୍ରେରଣାଦାୟୀ ଥିଲା।

*– ଲୋକନ ପରିଡ଼ା, ବଲାଙ୍ଗୀର*

## ବିଶେଷ ଚିଠି



ବନ୍ଧୁ ପାଇଁ ପ୍ରଚ୍ଛଦଟି
ହୋଇଥିଲା ଭାରି ବଢିଆ
ଶିଖାଇଲା ଅନେକ କଥା
ଦେଖାଇଲା ନୂଆ ରାହା।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ କରେ ନିବେଦନ
ସବୁବେଳେ ଆଣୁଥାଅ
ଏମିତି ସୁନ୍ଦର ସୁନ୍ଦର ଲେଖାମାନ।

*–ରାହାସ ବିହାରି ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଲଭ୍ ମ୍ୟାରେଜ୍ କରିବି



ନାଁଟି ତାଙ୍କର ଭାରି ସୁଇଟ୍। ଦେଖିବାକୁ ବି ସେ ବହୁତ ସୁଇଟ୍। ଘରେ ଘରେ ଦିନେ ସେ କୁଇନ୍ ନାଁରେ ପରିଚିତ ଥିଲେ। ସେ ହେଉଛନ୍ତି ଅଭିନେତ୍ରୀ କୁକିଜ୍ ସ୍ୱାଇଁ। ଏଥର ସେଲିବ୍ରିଟି ସିକ୍ରେଟ୍‌ରେ ତାଙ୍କ ଲାଇଫ୍‌ର ସିକ୍ରେଟ୍....

**ଅଭିନେତ୍ରୀ ହେବାକୁ ଇଚ୍ଛା ନ ଥିଲା:** ପିଲାଦିନେ ମୁଁ ବହୁତ ଲାଜୁଆ ସ୍ୱଭାବର ଥିଲି। ବଡ଼ ହେଲେ କ'ଣ ହେବି ସେମିତି କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ମୋର ନ ଥିଲା। କେବେ ଏୟାରହୋଷ୍ଟେସ୍ ତ କେବେ ବଡ଼ ଅଫିସର୍ ହେବି ବୋଲି ଭାବୁଥିଲି। ହେଲେ ଅଭିନେତ୍ରୀ ହେବାକଥା ଭାବୁ ନ ଥିଲି କି ଇଚ୍ଛା ବି ନ ଥିଲା। ମୋ ମାମାଙ୍କର କିନ୍ତୁ ବହୁତ ଇଚ୍ଛା ଥିଲା ମୁଁ ଅଭିନେତ୍ରୀ ହୁଏ। ମୋ ବୋଉ(ଆଈ) ଓ ପୂରା ପରିବାରର ବି ଇଚ୍ଛା ଥିଲା ମୁଁ ଅଭିନେତ୍ରୀ ହୁଏ। ଯଦ୍ୱାରା ବଡ଼ ହେବା ପରେ ଧୀରେ ଧୀରେ ମୋ ମନରେ ମଧ୍ୟ ଅଭିନୟ ପ୍ରତି ରୁଚି ଆସିଲା।

**ନୃତ୍ୟରୁ ଅଭିନୟ:** ନାଚ ପ୍ରତି ମୋର ଛୋଟବେଳୁ ଦୁର୍ବଳତା ଥିଲା। ତେଣୁ ପ୍ରଥମେ ଓଡ଼ିଶୀ ଓ ପରେ ମଡର୍ଣ ଡ୍ୟାନ୍ସ ଶିଖିଲି। ଆଉ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିଲି। ମୋ ଡ୍ୟାନ୍ସ ଦେଖି ନିର୍ମଳ ନାୟକ ଓ ଅଭିଜିତ ମଜୁମଦାର୍ ମତେ ଆଲବମ୍‌ରେ କାମ କରିବାକୁ ଅଫର୍ ଦେଇଥିଲେ। ସେତେବେଳେ ମୁଁ ଷଷ୍ଠ ଶ୍ରେଣୀରେ ପଢୁଥାଏ। ଆଉ ମୁଁ ପୁଅଙ୍କ ସହ ଅଭିନୟ କରିବାରେ କମ୍ଫର୍ଟେବୁଲ ଫିଲ କରୁ ନ ଥିଲି। ତେଣୁ ପ୍ରଥମେ ଏକ ଭଜନ ଆଲବମ୍‌ରେ କାମ କରିବାକୁ ରାଜି ହୋଇଥିଲି। ଏହାପରେ ବି ମୁଁ ଯେମିତିକି ଆଲବମ୍ କରିଛି ସବୁ ଭଜନ ହିଁ ଥିଲା।

**ପ୍ରଥମ ଶୁଟ୍‌ର ଅଭୁଲା କଥା:** ପ୍ରଥମ ଆଲବମ୍ ଶୁଟ୍ ପାଇଁ ଆମେ କାର୍‌ରେ ଯାଉ ଥାଉ। ବାଟରେ ଆମର ଏକ ଛୋଟ ଦୁର୍ଘଟଣା ହେଇଗଲା। ସେଟ୍‌ରେ ପହଞ୍ଚିବାବେଳକୁ ମୋ ମୁହଁ ଫୁଲି ଯାଇଥାଏ। ମୋର ଏ ଅବସ୍ଥା ଦେଖି ପ୍ରଥମେ ମୋ ମୁହଁରେ ବରଫ ଘଷାଗଲା। ଫୁଲା କମିଲା ପରେ ଯାଇ ଶୁଟିଂ ଆରମ୍ଭ ହେଇଥିଲା। ଏଣେ ପ୍ରଥମ ଥର କ୍ୟାମେରା ଫେସ୍ କରୁଥିବାରୁ ନର୍ଭସ ଥିଲି। ମୋ ଗୁରୁ ମୋ ଡାଇରେକ୍ଟର ଥିଲେ। ତେଣୁ ବହୁତ ଡରି ଡରି କାମ କରିଥିଲି।

**ପ୍ରଥମ ପାରିଶ୍ରମିକ:** ପ୍ରଥମ ଆଲବମ୍‌ର ପ୍ରଥମ ପାରିଶ୍ରମିକ ଟଙ୍କା ନୁହେଁ ବରଂ ଏକ ସୁନ୍ଦର ଟେଡି ଥିଲା।

**ଆଙ୍କରିଂ:** ଯୁକ୍ତ ୨ ପ୍ରଥମ ବର୍ଷରେ ମୁଁ ଇଟିଭିରୁ ଆଙ୍କରିଂର ଅଫର୍ ପାଇଲି। ପ୍ରୋଗ୍ରାମଟି ଥିଲା 'ମର୍ନିଂ ଏକ୍ସପ୍ରେସ୍'। ହେଲେ ମୁଁ କେବେ ଆଙ୍କରିଂ କରି ନ ଥିବାରୁ ପ୍ରଥମେ ରାଜି ହୋଇ ନ ଥିଲି। କିନ୍ତୁ ସାର୍ କହିଲେ ଟ୍ରାଏ କର। ତେଣୁ ଆଙ୍କରିଂରେ ପାଦ ଥାପିଲି। ପରେ ମୁଁ 'ଗ୍ଲାମର୍ ଗେମ୍' ପ୍ରୋଗ୍ରାମରେ ବି ଆଙ୍କରିଂ କଲି। ଏହାପରେ ମୁଁ ମୋ ପଢା ଲାଗି ଅଭିନୟ ଓ ଆଙ୍କରିଂରୁ ବିରତି ନେବାକୁ ନିଷ୍ପତ୍ତି ନେଇଥିଲି। ହେଲେ ସେଇ ସମୟରେ ହିଁ ଭଲ ଭଲ ମୁଭି ଯେମିତିକି 'ଟାର୍ଗେଟ୍', 'ଯିଏ ଯାହା କହୁ ମୋର ଡୋ' ଆଦିର ଅଫର୍ ଆସିଲା। ହେଲେ ପଢା ପାଇଁ କୌଣସି ଅଫର୍‌କୁ ମୁଁ ସେତେବେଳେ ଗ୍ରହଣ କରି ନ ଥିଲି। ଯାହା ମୋର ଅବସୋସ୍।

**ସିରିୟଲରୁ ଚଳଚ୍ଚିତ୍ର:** ଯୁକ୍ତ ୩ ପରେ କିଛି ଦିନ ମୁଁ ଫିଲ୍ମରେ ଅଫର୍ ପାଇବା ଲାଗି ଅପେକ୍ଷା କରିଥିଲି। ହେଲେ ପ୍ରଥମେ ଅନେକ ଫିଲ୍ମରେ କାମ କରିବାକୁ ମନା କରିଥିବାରୁ ଅଫର୍ ଆସିଲା ନାହିଁ। ସେଥିପାଇଁ 'ଫୁଲ୍ ଗଡ଼ବଡ଼' ସିରିୟଲରେ କାମ କଲି। ଏଥିରେ ମୋ ଚରିତ୍ରର ନାଁ ଥିଲା 'କୁଇନ୍', ଯାହା ମତେ ଘରେ ଘରେ କୁଇନ୍ ନାମରେ ପରିଚିତ କରାଇଲା। ପରେ 'ରାଜ ଯୋଟକ' ଓ 'ନଣନ୍ଦ ପୁଟୁଳି' ସିରିୟଲରେ ବି କାମ କଲି। ସିରିୟଲ କରିବାବେଳେ ପ୍ରଥମ ମୁଭି 'ହାଫ୍ ଲଭ୍ ଷ୍ଟୋରୀ'ର ଅଫର୍ ପାଇଲି। ତେଣୁ ସରିୟଲ ସହ ସେହି ଫିଲ୍ମର ଶୁଟ୍ ବି ହେଲା। ପରେ ଆଉ ଏକ ଚଳଚ୍ଚିତ୍ର 'ଓମ୍ ଶ୍ରୀ ପ୍ରଜାପତୟେ ନମଃ'ରେ ବି କାମ କଲି, ଯାହାକି ଏଯାଏ ରିଲିଜ ହୋଇ ନାହିଁ। ସେପ୍ଟେମ୍ବର ୧୫ରେ କିନ୍ତୁ ମୋର 'କସ୍ତୁରୀ' ମୁଭି ଟିଏଟରରେ ରିଲିଜ ହେବାକୁ ଯାଉଛି। ଏହାବାଦ ଅନେକ ଟେଲିଫିଲ୍ମରେ ବି କାମ କରିଛି।

**ଫିଟନେସ୍ ରାଜ:** ମୁଁ ବିନ୍ଦାସ ଖାଏ। ହେଲେ କମ୍ ପରିମାଣରେ ଓ ବହୁତ ଥର ଖାଏ।



**ଇଗ୍ନୋର କରେ ବ୍ୟାଡ କମେଣ୍ଟକୁ:** ପିଲାଦିନୁ ମତେ ନୂଆ ଓ ଭିନ୍ନ ଭିନ୍ନ ପ୍ରକାରର ଆଉଟ୍ ଫିଟ୍ ପିନ୍ଧିବାକୁ ଭାରି ଭଲ ଲାଗେ। ତେଣୁ ଶାଢିଠୁ ଆରମ୍ଭ କରି ମିନିସ୍ ପର୍ଯ୍ୟନ୍ତ ମୁଁ ସବୁ ପିନ୍ଧେ। କୌଣସି ଡ୍ରେସ ପିନ୍ଧିବା ପରେ ମତେ ଯଦି ଲାଗେ ତାହା ମତେ ଭଲ ମାନୁଛି, ତାକୁ ମୁଁ ଭଲଭାବେ କ୍ୟାରି କରିପାରୁଛି ତେବେ ମୁଁ ତାକୁ ପିନ୍ଧେ। ତା'ପରେ ଯଦି ମୋ ଗେଟ୍‌ଅପ୍‌କୁ ନେଇ କେହି କିଛି ସୋସିଆଲ ମିଡ଼ିଆରେ ବ୍ୟାଡ କମେଣ୍ଟ କରନ୍ତି ତାକୁ ମୁଁ ଇଗ୍ନୋର କରେ।

**ଫିଲ୍ମରେ ବୋଲ୍ଡ ଡ୍ରେସ୍:** ଯଦି ସେହିଭଳି ବିଗ୍ ବଜେଟ୍‌ର ମୁଭି ହୁଏ, ଆଉ କ୍ୟାରେକ୍ଟରର ଡିମାଣ୍ଡ ଥାଏ ସର୍ଟ ଡ୍ରେସ୍ ପିନ୍ଧିବା, ତେବେ ମୁଁ ପିନ୍ଧିବି। ହେଲେ ମୋ କମ୍ଫର୍ଟ ଓ ଲିମିଟେସନ୍ ଭିତରେ ରହିକି ପିନ୍ଧିବି।

**ଦୁର୍ବଳତା:** ମାମା ଓ ଡାଡି ମୋର ଦୁର୍ବଳତା। ଏହାଛଡା ମୋ ବୋଉ ବି ମୋ ଦୁର୍ବଳତା ଥିଲା। ସେ ଯିବାର ୩ ବର୍ଷ ବିତିଗଲାଣି ତଥାପି ମୁଁ ତାକୁ ଭୁଲି ପାରିନି। ଶୁଟିଂବେଳେ ଦୁଃଖ ସିନ୍‌ର ସଟ୍‌ବେଳେ ମୁଁ ବିନା ଗ୍ଲିସରିନ୍‌ରେ ତାକୁ ଭାବି ଦେଲେ ଆପେ ଆଖିରେ ଲୁହ ଆସିଯାଏ।

**ରହସ୍ୟମୟ ଫ୍ୟାନ୍:** ଥରେ ମୋ ମାମାଙ୍କୁ ମୋର ଜଣେ ଫ୍ୟାନ୍ ଫୋନ୍ କରି ମତେ ଦେଖା କରିବାକୁ ବହୁତ ଅନୁରୋଧ କରିଥିଲେ। ଆଉ ମାମା ବି ତାଙ୍କୁ ଘର ଆଡ୍ରେସ ଦେଇ ଦେଇଥିଲେ। ଯେଉଁଥିପାଇଁ ତାଙ୍କୁ ମୁଁ ବହୁତ ରାଗିଥିଲି। କ୍ରିସ୍‌ମସ୍ ଦିନ ସକାଳ ୬ଟାରେ ପୁଅ ଝିଅ ଦୁଇଜଣ ଆସି ଆମ ଘର ପାଖରେ ପହଞ୍ଚିଥିଲେ। ମାମା ମତେ ବାଧ୍ୟ କରି ତାଙ୍କ ସହ ଦେଖା କରିବାକୁ ନେଲେ। ହେଲେ ମୁଁ ଡରିକି ତାଙ୍କୁ ଆମ ଘରକୁ ନ ଆଣି ତଳ ଘର ଅଙ୍କଲ ଆଣ୍ଟିଙ୍କ ଘରେ ଦେଖା କଲି। ସେମାନେ ବହୁତ ଭଲ ଫ୍ୟାମିଲିର ଓ ଉଚ୍ଚଶିକ୍ଷିତ ବୋଲି ଜଣା ପଡୁଥିଲେ। ତେବେ ମଜାର କଥା ସେ ଦୁହେଁ ମୋ ଫ୍ୟାନ୍ ନ ଥିଲେ। ସେମାନେ କେବଳ ମୋ ଫ୍ୟାନ୍ ଦେଇଥିବା ଉପହାର ନେଇ ଆସିଥିଲେ। 'ସିକ୍ରେଟ୍ ସାଣ୍ଟା' ନାମରେ ସେ ଉପହାରଗୁଡିକ ପଠାଇଥିଲେ। ସେଥିରେ ଏକ ପେନ୍ ଡ୍ରାଇଭ୍ ଥିଲା, ଯେଉଁଥିରେ ମୋ ଛୋଟବେଳଠୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତର ଫଟୋ ଥିଲା। ତା'ସହ ଫ୍ୟାନଙ୍କ ହାତ ଲେଖା ଚିଠି, ବାଇଣ୍ଡି ହୋଇଥିବା ଆମ ଫ୍ୟାମିଲିର ଏକ ଫଟୋ ଓ କ୍ରିସ୍‌ମସ୍ ପାଇଁ ଅନେକ ଛୋଟବଡ଼ ଉପହାର ଥିଲା। ମୁଁ ସେମାନଙ୍କୁ ଯେତେ ପଚାରିଲି ଫ୍ୟାନ୍ ଜଣକ କିଏ ସେମାନେ କିଛି ଉତ୍ତର ଦେଇ ନ ଥିଲେ। ଖାଲି କହିଲେ, ଦିନେ ନା ଦିନେ ତାଙ୍କ ସହ ମୋର ଦେଖା ହେବ।



**ଲଭ୍ ନା ଆରେଞ୍ଜ ମ୍ୟାରେଜ:** ଲଭ୍ ମ୍ୟାରେଜ୍ କରିବାକୁ ଚାହେଁ। ହେଲେ କେହି ଏଯାଏ ମିଳି ନାହାନ୍ତି।

**ପ୍ରଥମ କ୍ରସ୍:** ସ୍କୁଲରେ ପଢିବାବେଳେ ମୋର ଜଣେ କ୍ଲାସ୍‌ମେଟ ମୋର ପ୍ରଥମ କ୍ରସ୍ ଥିଲେ। ସେ ପୁଅ ବି ମତେ ପସନ୍ଦ କରୁଥିଲେ। ହେଲେ ଆମେ କେହି କାହାକୁ ମୁହଁ ଖୋଲି କିଛି କହିପାରି ନ ଥିଲୁ। ଆଉ ଆମ ଛୋଟ ଲଭ୍ ଷ୍ଟୋରି ଆଗକୁ ଆଗେଇ ନ ଥିଲା।

**ନାଁ ପଛର କଥା:** କୁକିଜ୍ ନାଁ ମୋ ମାମା ଦେଇଛନ୍ତି। ଜାତକରେ ମୋର ଦ୍ରୌପଦୀ, ଦମୟନ୍ତୀ, ଦୃଶାଳା ଆଦି ତିନୋଟି ନାଁ ଥିଲା। ହେଲେ ମାମାଙ୍କୁ ସେ ସବୁ ଭଲ ଲାଗିନ ଥିଲା। ମାମା ସେତେବେଳେ 'କୁକିଜ୍' ନାମକ ଏକ ଚକୋଲେଟ୍ ଖାଉଥିଲେ। ଚକୋଲେଟ୍‌ର ସେଇ ନାଁ ତାଙ୍କୁ ବହୁତ ଭଲ ଲାଗିଥିଲା। ଆଉ ସେଇ ନାଁ ସେ ମତେ ଦେଇଦେଲେ।

**ଇଚ୍ଛା:** ଭଲ ଦମ୍‌ଦାର ଅଭିନୟ କରି ସମସ୍ତଙ୍କ ପ୍ରଶଂସା ପାଇବା ସହ ସମସ୍ତଙ୍କ ମନରେ ସବୁଦିନ ପାଇଁ ଘର କରି ରହିବା।






–ଶିବାନୀ ମହାନ୍ତି

# ଭୂମିକମ୍ପର କଥା







**ଭୂମିକମ୍ପର ଭୟାବହତା କ'ଣ ଯିଏ ଅନୁଭବ କରିଛି, ସେ ହିଁ ଜାଣିଛି। ସବୁଠୁ ବଡ଼ କଥା ହେଲା ଏହା ପାଇଁ କୌଣସି ପୂର୍ବାନୁମାନ କରି ହୁଏ ନାହିଁ। ତେଣୁ ଭୂମିକମ୍ପଠାରୁ ଭୟାବହତା ସବୁଠୁ ଅଧିକ। ତେବେ କାହିଁକି ହୁଏ ଏହି ଭୂମିକମ୍ପ କ'ଣ ରହିଛି ଏହାର କାରଣ ସେ ସମ୍ପର୍କରେ...**

ପୃଥିବୀର ଆଭ୍ୟନ୍ତରରେ ବିଭିନ୍ନ ଧାତବପଦାର୍ଥ ଅତି ଉତ୍ତପ୍ତ ଓ ତରଳ ଅବସ୍ଥାରେ ରହିଛି। ତା' ଭିତରକୁ ପଶିଲେ ଯେ କେହି ବି ଜଳିପୋଡ଼ି ପାଉଁଶ ହୋଇଯିବ। ଏହା ପ୍ରମାଣ କରେ ଯେ ପୃଥିବୀର ଉପରି ଭାଗ ଯେତେ ଶକ୍ତ ଓ ଶୀତଳ, ଏହାର ଭିତରଟା ସେତେ ତରଳ ଓ ଭୟଙ୍କର । କଥା ହେଉଛି ଆମର ଭୂପୃଷ୍ଠ ୬ଟି ବଡ଼ ବଡ଼ ଓ ୧୪ଟି ଛୋଟ ଛୋଟ ଖଣ୍ଡରେ ବିଭକ୍ତ। ସେହି ଖଣ୍ଡଗୁଡ଼ିକୁ 'ପ୍ଲେଟ୍' ବୋଲି କୁହାଯାଏ । ପ୍ଲେଟ୍‌ଗୁଡିକ ଉତ୍ତପ୍ତ ତରଳ ପଦାର୍ଥ ଉପରେ ସ୍ଥିର ନ ଥାନ୍ତି। ସେମାନେ ଏପଟ ସେପଟ ଗତି କରନ୍ତି। ପ୍ଲେଟ୍‌ଗୁଡ଼ିକ ଧୀରେ ଧୀରେ ଗତି କରିବା ସମୟରେ ଗୋଟିଏ ପ୍ଲେଟ୍ ଆଉ ଗୋଟିଏ ପ୍ଲେଟ୍ ଉପରେ ଚଢିଯାଇପାରେ କିମ୍ବା କୌଣସି ପ୍ଲେଟ୍ ତଳକୁ ଦବି ଯାଇପାରେ । ଅଥବା ଦୁଇଟା ପ୍ଲେଟ୍ ପରସ୍ପର ସହିତ ବାଡ଼େଇ ହୋଇପାରେ । ତେଣୁ ଯେଉଁଠାରେ ଦୁଇଟା ପ୍ଲେଟ୍ ପରସ୍ପରକୁ ସ୍ପର୍ଶ କରନ୍ତି, ସେହି ଅଞ୍ଚଳରେ ତୀବ୍ର କମ୍ପନ ସୃଷ୍ଟି ହୁଏ । ଯାହାକୁ ଆମେ କହୁ ଭୂକମ୍ପନ ବା 'ଭୂମିକମ୍ପ' ।

### ଭୂମିକମ୍ପର ମାପ

ଭୂମିକମ୍ପ ସମୟରେ ଭୂମିର ଚଳନକୁ 'ସାଇସ୍ମୋଗ୍ରାଫ୍' ଯନ୍ତ୍ର ଦ୍ୱାରା ଚିହ୍ନଟ କରାଯାଏ । ଭୂକମ୍ପନ ସମୟରେ ଯେତେ ଜୋର ଭୂମି ଥରୁଥାଏ, ତାହାକୁ ତୀବ୍ରତା (ଇଣ୍ଟେନ୍‌ସିଟି) କୁହାଯାଏ। ଭୂକମ୍ପନ ତୀବ୍ରତାକୁ ଯେଉଁ ସ୍କେଲରେ ପ୍ରକାଶ କରାଯାଏ, ତାହା ହେଉଛି 'ରିକ୍ଟର ସ୍କେଲ' । ଏହି ସ୍କେଲ୍‌କୁ ୧୯୩୫ ମସିହାରେ ଆମେରିକୀୟ ଭୂତତ୍ତ୍ୱ ବିଜ୍ଞାନୀ ଚାର୍ଲସ୍ ଫ୍ରାନ୍ସିସ୍ ରିକ୍ଟର ପ୍ରଥମେ ତିଆରି କରିଥିଲେ । ଏକ ଟନ୍ ହେଉଛି ୧୦୦୦ କିଲୋଗ୍ରାମ୍ । ଟି.ଏନ୍.ଟି. (ଟ୍ରାଇନାଇଟ୍ରୋଟୋଲୁଇନ୍) ହେଉଛି ହାଲୁକା ହଳଦିଆ ରଙ୍ଗର ଏକ ଭୟଙ୍କର ବିସ୍ଫୋରକ ପଦାର୍ଥ । ପାହାଡ ଫଟେଇବା କାମରେ ଏହା ଦରକାର ହୁଏ । ପ୍ରାୟ ୨୦୦ ଟନ୍ ଟି.ଏନ୍.ଟି. ବିସ୍ଫୋରକରୁ ଯେତିକି କମ୍ପନ ଜାତ ହୁଏ, ରିକ୍ଟର ସ୍କେଲରେ ତାହାର ମୂଲ୍ୟ ୪.୯ ହେବ । ଏହି କମ୍ପନର ଭୂମିକମ୍ପକୁ ସାମାନ୍ୟ ଭୂମିକମ୍ପ କୁହାଯାଏ । କମ୍ପନର ତୀବ୍ରତା ୮ ବା ଅଧିକ ଥିଲେ ତାହାକୁ ଅତି ଭୟଙ୍କର ଭୂମିକମ୍ପ ବୋଲି ଧରାଯାଏ । ଭୂମିକମ୍ପର ତୀବ୍ରତା ଓ ଅନୁଭୂତ ସମୟ ଉପରେ କ୍ଷୟକ୍ଷତିର ପରିମାଣ ନିର୍ଭର କରେ । ପୃଥିବୀର ସବୁଠାରୁ ବଡ଼ ଭୂମିକମ୍ପ ଚିଲିଠାରେ ଅନୁଭୂତ ହୋଇଛି। ୧୯୬୦ ମସିହା ମଇ ୨୨ ତାରିଖରେ ଅନୁଭୂତ ଏହି ଭୟଙ୍କର କମ୍ପନର ରିକ୍ଟର ସ୍କେଲରେ ତୀବ୍ରତା ୯.୫ ଥିଲା । ୨୦୨୧ ଜାନୁୟାରୀ ୨୬ ତାରିଖରେ ଭାରତରେ ସବୁଠାରୁ ଭୟଙ୍କର ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଗୁଜରାଟର ଭୁଜ୍ ଜିଲାରେ ଘଟିଥିଲା ।

### ସବୁବେଳେ ହୁଏ ଭୂମିକମ୍ପ

ଆମର ଭଙ୍ଗା ଭୂପୃଷ୍ଠ ଭାସମାନ ଅବସ୍ଥାରେ ଥିବାରୁ ସବୁବେଳେ ଅଳ୍ପ ବହୁତ ଥରୁଛି। ତେଣୁ ସବୁବେଳେ ଭୂମିକମ୍ପ ହେଉଛି । କିନ୍ତୁ ସବୁ କମ୍ପନକୁ ଆମେ ଅନୁଭବ କରିପାରୁନାହିଁ। ରିକ୍ଟର ସ୍କେଲରେ ୨ ବା କମ୍ ତୀବ୍ରତାର ଭୂମିକମ୍ପକୁ ଆମେ ଅନୁଭବ କରିପାରୁନାହିଁ, ଯାହାକୁ ଆମେ ମାଇକ୍ରୋ-ଭୂମିକମ୍ପ ବୋଲି କହୁ । ତୀବ୍ରତା ୨ ରୁ ୨.୯ ଭୂମିକମ୍ପକୁ ମାଇନର କହୁ, ଯାହାକୁ ଆମେ ଅନୁଭବ କରିବା କଷ୍ଟ । କିନ୍ତୁ ଏହାକୁ ରେକର୍ଡ କରାଯାଇପାରିବ। ଅଧିକାଂଶ ସମୟରେ ୩ ରୁ ୩.୯ ତୀବ୍ରତାର ଭୂମିକମ୍ପ ହୁଏ, ଯାହାର ନାମ ମାଇନର-ଭୂମିକମ୍ପ । ୪ ରୁ ୪.୯ ତୀବ୍ରତାର ଭୂମିକମ୍ପ କବାଟ ଝରକା ଥରେଇ ଦିଏ । ଏହାକୁ ହାଲୁକା-ଭୂମିକମ୍ପ କୁହାଯାଏ, ଯାହାକୁ ସହଜରେ ଅନୁଭବ କରିହୁଏ । କିନ୍ତୁ ୫ ରୁ ୫.୯ ତୀବ୍ରତାର ମଧ୍ୟମ-ଭୂମିକମ୍ପ ଦ୍ୱାରା କୋଠାବାଡି କ୍ଷତିଗ୍ରସ୍ତ ହୁଏ। ୬ ରୁ ୬.୯ ତୀବ୍ରତାର ଶକ୍ତିଶାଳୀ-ଭୂମିକମ୍ପ ଦ୍ୱାରା କମ୍ ଅଞ୍ଚଳରେ ଧନଜୀବନ ନଷ୍ଟ ହୁଏ। ବଡ଼-ଭୂମିକମ୍ପର ତୀବ୍ରତା ୭ ରୁ ୭.୯ ମଧ୍ୟରେ ରହେ । ଏହି କମ୍ପନ ଦ୍ୱାରା ଅଧିକ ଅଞ୍ଚଳରେ ଧନଜୀବନ ନଷ୍ଟ ହୁଏ। ଯେଉଁ ଭୂମିକମ୍ପର ତୀବ୍ରତା ୮ ରୁ ୯.୯ ମଧ୍ୟରେ ରହେ, ତାହାକୁ ଗ୍ରେଟ୍-ଭୂମିକମ୍ପ କହୁ। ଏହି ଭୂମିକମ୍ପ ଦ୍ୱାରା ଶହ ଶହ କିଲୋମିଟର ଅଞ୍ଚଳର କୋଠାବାଡି ଧୂଳିସାତ୍ ହୁଏ । ୧୦ରୁ ଅଧିକ ତୀବ୍ରତାର ମହାପ୍ରଳୟଙ୍କରୀ (ଏପିକ୍) ଭୂମିକମ୍ପର ହୃଦୟ ବିଦାରକ ପରିଣାମ ବିଷୟରେ ନ କହିଲେ ଭଲ ।

### ଭୂମିକମ୍ପ ପ୍ରବଣ ଅଞ୍ଚଳ

ନେପାଳ, ଜାପାନ, ତୁର୍କୀ, ଇଣ୍ଡୋନେସିଆ, ଭାରତ, ପାକିସ୍ତାନ, ଚାଇନା ଇତ୍ୟାଦି ଦେଶରେ ଅଧିକ ଭୂମିକମ୍ପ ହୁଏ। ପ୍ରଶାନ୍ତ ମହାସାଗର ତଳେ ଅଗ୍ନିବଳୟ (ରିଙ୍ଗ୍ ଅଫ୍ ଫାୟାର) ଅଞ୍ଚଳରେ ବଡ ବଡ ଭୂମିକମ୍ପ ଅନୁଭୂତ ହୁଏ । ପୃଥିବୀରେ ଏଯାଏ ଯେତେ ବଡ ବଡ ଭୂମିକମ୍ପ ଦେଖାଯାଇଛି, ତାହାର ୧୦୦ ଭାଗରୁ ୮୧ ଭାଗ ଭୂମିକମ୍ପ ସେହି 'ରିଙ୍ଗ୍ ଅଫ୍ ଫାୟାର' ଅଞ୍ଚଳରେ ହୋଇଛି। ଭାରତରେ ଏକାଧିକ ଭୂମିକମ୍ପ ପ୍ରବଣ ଅଞ୍ଚଳ ରହିଛି । ଭୂମିକମ୍ପ ସମ୍ଭାବନାକୁ ନେଇ ଭାରତକୁ ଅଲଗା ଅଲଗା ଜୋନ୍‌ରେ ବିଭକ୍ତ କରାଯାଇଛି।











ସେହି ଜୋନ୍‌ଗୁଡ଼ିକ ହେଉଛି – ଜୋନ୍ ୨ (ତୀବ୍ରତା ୬ରୁ କମ୍), ଜୋନ୍ ୩ (ତୀବ୍ରତା ୭), ଜୋନ୍ ୪ (ତୀବ୍ରତା ୮) ଓ ଜୋନ୍ ୫ (ତୀବ୍ରତା ୯ରୁ ଅଧିକ) । କିନ୍ତୁ ଆମର ଅନୁମାନ ବେଳେବେଳେ ଭୁଲ୍ ପ୍ରମାଣିତ ହୋଇଛି । କମ୍ ତୀବ୍ରତା ବିଶିଷ୍ଟ ସୁରକ୍ଷିତ ଜୋନ୍‌ରେ ରହିଥିବା ଅଞ୍ଚଳରେ ମଧ୍ୟ ଶକ୍ତିଶାଳୀ ଭୂକମ୍ପନ ଅନୁଭୂତ ହୋଇଛି । ଭାରତରେ ଦିଲ୍ଲୀ, କୋଲକାତା, ଗୌହାଟୀ, ଇମ୍ଫାଲ, ଅମ୍ରିତସର, ଶ୍ରୀନଗର ଓ ପୋର୍ଟ ବ୍ଲେୟାର ଇତ୍ୟାଦି ଅଞ୍ଚଳରେ ଅଧିକ ଭୂମିକମ୍ପ ହେବା କଥା । କିନ୍ତୁ ବେଳେବେଳେ ଅନ୍ୟ ସୁରକ୍ଷିତ ଅଞ୍ଚଳରେ ମଧ୍ୟ ବଡ ଭୂମିକମ୍ପ ହୋଇଛି ।

### ଓଡ଼ିଶାର ବଡ଼ ଭୂକମ୍ପ

ଆଜିକାଲି ଭୂମିକମ୍ପ ପ୍ରସଙ୍ଗ ଆସିଲେ ଓଡ଼ିଶାର ଭୂମିକମ୍ପ କଥା ମନେ ପଡ଼ିଯାଏ । ୨୦୧୪ ମସିହାର କଥା । ମଇ ୨୧ ତାରିଖ ବୁଧବାର ରାତି ୯ଟା ୫୨ ମିନିଟ୍ ସମୟରେ ଭୂମିକମ୍ପ ପ୍ରଭାବରେ ଭାରତର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଭୂଇଁ କେଇ ସେକେଣ୍ଡ ପାଇଁ ଥରି ଉଠିଲା । ଭୁବନେଶ୍ୱରଠାରୁ ୩୧୦ କି.ମି. ଦୂରରେ ବଙ୍ଗୋପସାଗର ଶଯ୍ୟାରେ ୧୦ କି.ମି. ତଳେ ପ୍ରାୟ ୪୦ ସେକେଣ୍ଡ ପାଇଁ ଏହି ଭୂକମ୍ପନ ସୃଷ୍ଟି ହୋଇଥିଲା । ଉତ୍ପତ୍ତିସ୍ଥଳ ନିକଟରେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬ ଥିଲା । ଏହି କମ୍ପନ ଭାରତର ପୂର୍ବ ଭାଗକୁ ଦୋହଲାଇ ଦେଇଥିଲା । ଭାରତର ବିଭିନ୍ନ ଅଞ୍ଚଳରେ ଘରଦ୍ୱାର ଓ ବିଜୁଳିଖୁଣ୍ଟ ଥରି ଉଠିଥିଲା । ରାଜଧାନୀ ସମେତ ଓଡିଶାର ଅଧିକାଂଶ ଅଞ୍ଚଳ ଏକ ସମୟରେ ଦୋହଲି ଗଲା । ଲୋକମାନେ ଭୟରେ ଘର ବାହାରକୁ ବାହାରି ଆସିଥିଲେ । ଗାଁ ଗହଳିରେ ଶଙ୍ଖ ବାଜିଥିଲା ଓ ହୁଳହୁଳି ପଡିଥିଲା । ଲୋକମାନେ ଆଗରୁ କେବେ ଏପରି ଭୟାନକ କମ୍ପନର ସାମ୍ନା କରି ନ ଥିଲେ । ଏପରି କି ଓଡ଼ିଶାର ବର୍ଷୀୟାନ ଲୋକେ ସେମାନଙ୍କ ଜୀବନକାଳ ଭିତରେ ଏତେ ତୀବ୍ର ଭୂଇଁ ଥରା ଅନୁଭୂତି ମନେପକେଇ ପାରୁ ନ ଥିଲେ । ସେହି ଘଟଣା ପରେ ଭୂଇଁ ହଲିବା ସହିତ ରାଜ୍ୟବାସୀଙ୍କର ହୃଦୟ ଦୋହଲି ଯାଇଛି । ଓଡ଼ିଶାରେ ଭୂମିକମ୍ପ ହେବ ନାହିଁ ବୋଲି ଯେଉଁ ଧାରଣା ଆମର ଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି । ୨୦୧୪ ମସିହା ପରେ ଆମ ରାଜ୍ୟରେ ଅନେକ ଥର ଭୂମିକମ୍ପ ହୋଇଛି । କିନ୍ତୁ ୨୦୧୪ ମସିହାର କମ୍ପନଠାରୁ କମ୍ ତୀବ୍ରତାର ହୋଇଛି ।

### ଓଡ଼ିଶାରେ ଭୂମିକମ୍ପ ସମ୍ଭାବନା

ଭୂମିକମ୍ପ ସମ୍ଭାବନା ପରିପ୍ରେକ୍ଷୀରେ ଲାଟୁର ଓ ଜବଲପୁର ଅଞ୍ଚଳର ଉଦାହରଣ ନିଆଯାଇ ପାରିବ । ସେଗୁଡିକ ବିପଦମୁକ୍ତ ଭୂକମ୍ପନ-ଜୋନ୍ ଅଧୀନରେ ଥିଲା । କିନ୍ତୁ ୨୦୦୧ ମସିହାରେ ଲାଟୁର ଓ ୧୯୯୭ ମସିହାରେ ଜବଲପୁର ଭୂମିକମ୍ପ ଆମର ଅନୁମାନକୁ ଭୁଲ୍ ପ୍ରମାଣିତ କରିଥିଲା । ତେଣୁ ଭୂମିକମ୍ପ ପ୍ରବଣତା ଜୋନ୍ ଉପରେ ଆଉ ଥରେ ସର୍ଭେ କରିବା ଓ ପୁନଃଆକଳନ କରିବା ଜରୁରୀ । ଜୋନ୍ ଅଧୀନତାକୁ ଦେଖିଲେ ଆମ ରାଜ୍ୟରେ ବଡ ଧରଣର କିମ୍ବା ପ୍ରଳୟଙ୍କରୀ ଭୂମିକମ୍ପ ହେବାର ସମ୍ଭାବନା ନାହିଁ । କିନ୍ତୁ ଏଠାରେ ଭୂକମ୍ପନର ସମ୍ଭାବନାକୁ ସମୁଦାୟ ଏଡେଇ ହେବ ନାହିଁ । ୨୦୧୪ ମସିହା ମଇ ୨୧ ତାରିଖର ଘଟଣା ଆମ ପାଇଁ ଏକ ସତର୍କ ଘଣ୍ଟି । ସେଦିନର ଭୂକମ୍ପନ ତୀବ୍ରତା ଯାହା ଥିଲା, ଯଦି ସେହି ତୀବ୍ରତାର କମ୍ପନ ୨ ମିନିଟରୁ ଅଧିକ ସମୟ ଅନୁଭୂତ ହେଇଥାଆନ୍ତା, ତେବେ ଓଡ଼ିଶାବାସୀଙ୍କୁ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡିଥାଆନ୍ତା । ଯେମିତି ୨୦୦୧ ମସିହାରେ ଲାଟୁର ଓ ୧୯୯୭ ମସିହାରେ ଜବଲପୁର ଭୂମିକମ୍ପ ଆମର ଅନୁମାନକୁ ଭୁଲ୍ ପ୍ରମାଣିତ କଲା, ଆଗକୁ ଆହୁରି ସେଭଳି ପରିସ୍ଥିତିକୁ ଏଡେଇ ପାରିବା ନାହିଁ । ଆଗକୁ ଏଠାରେ ବଡ ଧରଣର ଭୂମିକମ୍ପ ସମ୍ଭାବନାକୁ ସମୁଦାୟ ଏଡେଇ ପାରିବା ନାହିଁ ।

### ଭୂମିକମ୍ପ ପାଇଁ ସତର୍କତା

ପୃଥିବୀରେ ଭୂମିକମ୍ପ କେତେବେଳେ ଅନୁଭୂତ ହେବ ଓ କେଉଁ ଅଞ୍ଚଳରେ ହେବ, ତାହାର ପୂର୍ବାନୁମାନ ଆମେ କରିପାରିବା ନାହିଁ । ଆମର ଗବେଷଣା ସେହି କ୍ଷେତ୍ରରେ ସଫଳତା ପାଇପାରି ନାହିଁ । ତେବେ ଭୂମିକମ୍ପ ସମୟରେ ଆମର ସଚେତନତା ଓ ସତର୍କତା ବଳରେ ଆମେ ଧନଜୀବନ ହାନିକୁ କିଛି ମାତ୍ରାରେ କମ୍ କରି ପାରିବା । ଅତି କମ୍‌ରେ ନିଜର ଜୀବନ ହୁଏତ ବଞ୍ଚେଇ ପାରିବା । ସବୁଠାରୁ ବଡ କଥା, ଭୂମିକମ୍ପ ସମୟରେ ଘର ଭିତରେ ନ ରହି ହଠାତ୍ ବାହାରକୁ ବାହାରି ଆସିବା ଜରୁରୀ । ଯଦି ଘରୁ ବାହାରିବା ସମ୍ଭବ ନୁହେଁ, ତା'ହେଲେ ଘର ଭିତରେ କବାଟ ଓ ଝରକାଠାରୁ ଦୂରରେ ରହିବା ଉଚିତ କିମ୍ବା ଶକ୍ତ ଟେବୁଲ ତଳେ ବସିରହିବା ଉଚିତ । ପରେ ସୁବିଧା ଦେଖି ସତର୍କତାର ସହିତ ବାହାରକୁ ଚାଲିଆସିବା ଉଚିତ । ଉଚ୍ଚ କୋଠାଘରେ ରହୁଥିଲେ ସେତେବେଳେ ଲିଫ୍‌ଟ୍ ସାହାଯ୍ୟରେ ତଳକୁ ନ ଆସି ପାହାଚରେ ଚାଲି ଚାଲି ଆସିବା ଦରକାର । କାରଣ, ଭୂକମ୍ପନ ସମୟରେ ବିଜୁଳି ଚାଲିଯିବାର ଯଥେଷ୍ଟ ସମ୍ଭାବନା ରହିଥାଏ । ବାହାରେ ଥିଲେ ବଡ ଗଛ ଓ ବିଜୁଳିଖମ୍ବଠାରୁ ଦୂରରେ ରହିବା ଉଚିତ । ଭୂମିକମ୍ପ ସମୟରେ କାର ଭିତରେ ଥିଲେ ଖୋଲା ଜାଗା ଦେଖି ସଙ୍ଗେ ସଙ୍ଗେ ଗାଡିକୁ ରଖିଦେବା ଉଚିତ । ଆମେ ଭୂକମ୍ପନ ଅନୁଭବ କରିବା ଆଗରୁ ପ୍ରାଣୀମାନେ ତାହା ଅନୁଭବ କରିପାରନ୍ତି ଓ ଅଜବ ବ୍ୟବହାର ପ୍ରଦର୍ଶନ କରନ୍ତି । ସେମାନେ ଉଚ୍ଚସ୍ୱରରେ ରଡି କରନ୍ତି । ସରୀସୃପମାନେ ଗାତରୁ ବାହାରି ଆସନ୍ତି ଓ ପକ୍ଷୀମାନେ କିଚିରିମିଚିରି ଶବ୍ଦ କରି ଆକାଶରେ ଉଡନ୍ତି । ସେମିତିକା କିଛି ଆଗୁଆ ସୂଚନା ପାଇ ଆମେମାନେ ସତର୍କତା ଅବଲମ୍ବନ କରିପାରିଲେ ଆହୁରି ଭଲ ।

**-ଡ. କମଳାକାନ୍ତ ଜେନା**

*ଓଡ଼ିଶା ଶିକ୍ଷା ସେବା-ଏ (ଫିଜିକ୍ସ), ବିଜ୍ଞାନ ଏକାଡେମୀ ସଦସ୍ୟ,*
*ସହକାରୀ ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ (ସରକାରୀ) କଲେଜ,*
*ଫୋନ-୯୪୩୯୫୦୧୬୫୧*





# ଅନେକରେ ଏକ: ସୁସ୍ମିତା



ଜଣେ ଚିତ୍ରକର, ସୁଲେଖିକା, ନୃତ୍ୟାଙ୍ଗନା, ସମାଜସେବୀ, ପ୍ରଶିକ୍ଷକ, ସ୍ତମ୍ଭକାର, ବ୍ୟଙ୍ଗକାର, ବକ୍ତା, ଅଭିନେତ୍ରୀ, ସମ୍ବାଦ ପାଠିକା, ଏମିତି କେତେ କ'ଣ ବିଶେଷ ଗୁଣର ଅଧିକାରିଣୀ ସେ। ସଉକରେ ନୁହେଁ ବରଂ ସବୁଥିପାଇଁ କାମ କରି ଅନେକ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ପୁରସ୍କାର ଓ ସମ୍ମାନ ହାସଲ କରିଛନ୍ତି ସେ। ବିଦ୍ୟାଳୟ ପରିଚାଳନା ହେଉ କି ସ୍କାଉଟ୍ସ ଏବଂ ଗାଇଡ୍ସ ଶିବିରରେ ନେତୃତ୍ୱ ନେବା, ସେ ନିର୍ବାହ କରୁଥାଆନ୍ତି ପ୍ରଦତ୍ତ କାର୍ଯ୍ୟ ସବୁ ଖୁବ୍ ଶୃଙ୍ଖଳିତ ଢଙ୍ଗରେ । ସେ ଭିତରେ ଘର କାମ, ଲେଖାଲେଖି, ଜାତୀୟ କି ଅନ୍ତର୍ଜାତୀୟ ଶୈକ୍ଷିକ ସେମିନାରରେ ଯୋଗଦାନ ଚାଲିଥାଏ ତାଙ୍କର ନିରବଚ୍ଛିନ୍ନ ଭାବରେ । ସମୟ ହେଉନି ବୋଲି ସମସ୍ତେ କହୁଥିବାବେଳେ ସେ ଖୁବ୍ ଶାନ୍ତ ଏବଂ ସୁନ୍ଦର ଭାବରେ ସମୟର ସଠିକ୍ ପରିଚାଳନା କରନ୍ତି। ତାଙ୍କ ସଂସ୍ପର୍ଶରେ ଆସୁଥିବା ପ୍ରତିଟି ମଣିଷ ଜାଣନ୍ତି ସେ କାମସବୁକୁ ଚାପ ହିସାବରେ ନ ନେଇ ଆଦର ସହକାରେ ନିର୍ବାହ କରୁଥାନ୍ତି । ସେ ହେଉଛନ୍ତି **ସୁସ୍ମିତା ମହାପାତ୍ର** । ଅଗଷ୍ଟ ୫, ୧୯୭୪ରେ ନୀଳଗିରି, ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିବା ସୁସ୍ମିତାଙ୍କ ବାପା ହରିହର ମହାପାତ୍ର, ମା' ଦ୍ରୌପଦୀ ମହାପାତ୍ର, ଝିଅର କୃତିକୁ ନେଇ ଯେତିକି ଗର୍ବ କରନ୍ତି, ତାଙ୍କ ଶାଶୁ, ଶ୍ୱଶୁର ତାଠୁଁ ଅଧିକ ଗର୍ବିତ, ତାଙ୍କୁ ବୋହୂ ରୂପେ ପାଇ । ସେମାନେ ବିଶ୍ୱାସ ରଖନ୍ତି ସୁସ୍ମିତା ଅଧିକରୁ ଅଧିକ କାମ କରି ଇତିହାସର ଗୋଟିଏ ସୁନ୍ଦର ଫର୍ଦ୍ଦର ଅଧିକାରିଣୀ ହେବ । ସମ୍ପ୍ରତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ସେକ୍ଟର - ୬, ରାଉରକେଲାରେ କାମ କରୁଥିବା ସୁସ୍ମିତାଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍.ଏସ୍‌ସି., ବିଏଡ୍ । ଟୁରିଜମ ଏବଂ କମ୍ପ୍ୟୁଟର ବିଜ୍ଞାନରେ ମଧ୍ୟ ବିଶେଷ ତାଲିମପ୍ରାପ୍ତ । ଶିକ୍ଷକତା ବୃତ୍ତି ସିନା, ସାହିତ୍ୟ ଓ ସମାଜସେବା ମୋ ପ୍ରବୃତ୍ତି ବୋଲି ସେ ଅଳ୍ପ ହସି କୁହନ୍ତି । ଶିକ୍ଷା କ୍ଷେତ୍ରରେ ଉଭୟ ଶିକ୍ଷାଦାନ ଏବଂ ଶୈକ୍ଷିକ ପ୍ରଶାସନରେ ସୁସ୍ମିତା କାମ କରିବା ସହ ତଜ୍ଜନିତ ସୁବିଧା ଅସୁବିଧାଗୁଡ଼ିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଲାଗି ନିର୍ଭୀକ ଭାବରେ କଲମ ଚାଳନା କରିଆସୁଛନ୍ତି । ତାଙ୍କ ଲିଖିତ ସ୍ତମ୍ଭଗୁଡ଼ିକ ଧରିତ୍ରୀ ସମେତ ବିଭିନ୍ନ ଓଡ଼ିଆ ଖବରକାଗଜ ଏବଂ ଦି ଟେଲିଗ୍ରାଫ, ଟାଇମ୍ସ ଅଫ୍ ଇଣ୍ଡିଆ ପରି ଇଂରାଜୀ ଖବରକାଗଜ ଏବଂ ବିଜ୍ଞାନ ଦିଗନ୍ତ, ସାଇନ୍ସ ହରୋଇଜନ, କାଳଜୟୀ ଆଦିରେ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ତାଙ୍କ ଗବେଷଣା ସନ୍ଦର୍ଭଗୁଡ଼ିକ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ଜର୍ନାଲଗୁଡ଼ିକରେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ମାର୍ଚ୍ଚ ୮, ୨୦୦୦ ମସିହାରେ ସେ ପ୍ରତିଷ୍ଠା କରିଛନ୍ତି ପ୍ରେରଣା ମହିଳା ସମିତି, ଯାହା ମହିଳାଙ୍କୁ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରିବା ସହ ସ୍ୱାବଲମ୍ବୀ ହେବାକୁ ଉତ୍ସାହିତ କରେ । ତାଙ୍କ କୃତିର ତାଲିକା ଦୀର୍ଘ। ତାଙ୍କ ସାହିତ୍ୟ କୃତି ସୁବୋଧ ବିଜ୍ଞାନ(ଭୌତିକ ବିଜ୍ଞାନଭିତ୍ତିକ କବିତା ସଂକଳନ), ଜୀବ ଜଗତର ରହସ୍ୟ(ଜୀବ ବିଜ୍ଞାନଭିତ୍ତିକ କବିତା ସଂକଳନ), ପ୍ରାଣରୁ ପ୍ରଣବ(ଆଧ୍ୟାତ୍ମିକ ଗ୍ରନ୍ଥ), ଅନାବରଣ(ଗଳ୍ପ ସଂକଳନ), ପଦ୍ମବର୍ଣ୍ଣା(ଉପନ୍ୟାସ) ଆଦି ପାଠକଙ୍କ ଶ୍ରଦ୍ଧାଭାଜନ ହୋଇସାରିଛି । ଏତଦ୍ ଭିନ୍ନ ଅନେକ ବିଜ୍ଞାନ ରହସ୍ୟ, ଗଳ୍ପ ଓ କବିତା, ପ୍ରବନ୍ଧ, ବ୍ୟଙ୍ଗ, ଭ୍ରମଣ କାହାଣୀ, ସମୀକ୍ଷା ବିଭିନ୍ନ ପତ୍ର ପତ୍ରିକାରେ ସ୍ଥାନିତ ହୋଇ ସୁସ୍ମିତାଙ୍କ କଲମକୁ ଅଧିକରୁ ଅଧିକ ସକ୍ରିୟ କରିଛି । ସୂକ୍ଷ୍ମକଳା ସମ୍ମାନ, ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର, ବିନ୍ଦୁ ବଳୟ ଶ୍ରେଷ୍ଠ ନାଟ୍ୟ ଅଭିନେତ୍ରୀ ସମ୍ମାନ, ଶ୍ରେଷ୍ଠ ଛାତ୍ରୀ ସମ୍ମାନ, ଫକୀର ମୋହନ ମହାବିଦ୍ୟାଳୟ ବାଲେଶ୍ୱର, ଲୋକଶକ୍ତି ଶ୍ରେଷ୍ଠ ଚଳଚ୍ଚିତ୍ର ନାୟିକା ସମ୍ମାନ, କଲମ୍ବୋ କନ୍ୟା, କ୍ୟାଣ୍ଡି (ଶ୍ରୀଲଙ୍କା), ଯୁଗର ସଂଘମିତ୍ରା, କଲମ୍ବୋ ଶ୍ରେଷ୍ଠ କବୟିତ୍ରୀ, ବାଲେଶ୍ୱର ସାହିତ୍ୟ ଶ୍ରୀ, ବାଲେଶ୍ୱର ଭାଷାଗତ ସମନ୍ୱୟ ଓ ଶାନ୍ତି, ଜବଲପୁର, ମଧ୍ୟପ୍ରଦେଶ ଅନ୍ତର୍ଜାତୀୟ କବୟିତ୍ରୀ ସମ୍ମାନ (AIPC), ବ୍ଲେସ୍‌ଡ ଜୁନୋ, ବ୍ୟାଙ୍କକ (ଥାଇଲାଣ୍ଡ), ରାଜ୍ୟସ୍ତରୀୟ ସୁନାଫୁଲ ଶିଶୁ ଶ୍ରୀ ସମ୍ମାନ ସମ୍ବାଦ ପାଠିକା ସମ୍ମାନ - SAIL, ରାଉରକେଲା, ଓଡ଼ିଶା ନାରୀ ପ୍ରତିଭା ସମ୍ମାନ, କବି ରେବତୀ ସାହୁ ସ୍ମୃତି ସମ୍ମାନ, ଇସ୍ପାତ ସାହିତ୍ୟ ସଂସଦ, ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣା ସୁପ୍ରାବନ୍ଧିକା ସମ୍ମାନ, ଡୋଭ ବ୍ୟଙ୍ଗକବି ସମ୍ମାନ, ଆଲଟୁ ଫାଲଟୁ ବ୍ୟଙ୍ଗକବି ସମ୍ମାନ, ରାଉରକେଲା, ହାପି ମୋମେଣ୍ଟସ ଶ୍ରେଷ୍ଠ ଶିକ୍ଷୟିତ୍ରୀ ସମ୍ମାନ, ଦଧୀଚି ସମ୍ମାନ, ଲୋକ ସେବକ ମଣ୍ଡଳ, ସମାଜ, ତେଲିଙ୍ଗିବାଜା ବିଜ୍ଞାନ ସମ୍ମାନ, ଜାତୀୟ ବିଜ୍ଞାନ ସମ୍ମାନ: IEE-ଅହମଦାବାଦ (NTSC), RIE - ଭୋପାଳ (NCERT), RIE-ଭୁବନେଶ୍ୱର (NCERT), ଅନ୍ତର୍ଜାତୀୟ ବିଜ୍ଞାନ ସମ୍ମାନ(ଜଳ ଭବିଷ୍ୟତ) ଡ. ଏ.ପି.ଜେ. ଅବଦୁଲ କଲାମ ପ୍ରଫେଶନାଲ ଆଚିଭର୍ସ ଆୱାର୍ଡ, କରୋନା ଯୋଦ୍ଧା ସମ୍ମାନ, ସଚ୍ଚିଦାନନ୍ଦ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ଏକବିଂଶ ଶତାବ୍ଦୀ ଶିକ୍ଷାବିତ୍ ସମ୍ମାନ, ନିର୍ଭୟା ଶିକ୍ଷା ସମ୍ମାନ ଭଳି ଅନେକ ମାନସମ୍ମାନର ତାଲିକା ସୁସ୍ମିତାଙ୍କର।

ତାଙ୍କ ବ୍ୟକ୍ତିତ୍ୱ ବହୁମୁଖୀ । ତାଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ନିଶ୍ଚୟ ।





**-ମାନମୟୀ ରଥ**
- ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯












# ବର୍ଷା ତୁମେ ଫେରିଯାଅ

-ଡ଼.ଗଣେଶ୍ୱର ଜେନା

ବର୍ଷା .......
କୁଆଁରୀ ମନର ଜୋଛନା
ନା ପ୍ରେମିକା ଆଖିର ଛଳନା.....
କେବେ ସୃଷ୍ଟି କରେ ମୟୂରୀର ନୃତ୍ୟ
ମେଘ ମହ୍ଲାର ସ୍ୱରେ......
ଇନ୍ଦ୍ରଧନୁର ଗୀତ ଗାଏ
ଚଷା ପୁଅର ଉଚ୍ଛୁଳିତ ଧ୍ୱନିରେ
କେବେ ହୁଏ ସେ କବିତାର ପାଖୁଡ଼ା
କବିର ବିରହ ବେଦନାରେ
କିବା ପ୍ରେମୀଙ୍କ ଶୃଙ୍ଗାର ରସରେ
ଝରକା ସେ କଡେ ନୃତ୍ୟ କରେ
ପ୍ରେୟସୀଙ୍କ ଆଲିଙ୍ଗନରେ ......
ମେଦିନୀର ବୁକୁ ଚିରି ସବୁଜିମା ଭରେ
କିବା ବହି ଯାଇ ନିଜେ ହଜି ଯାଏ
ସାଗର ବୁକୁରେ..........

ନିଝୁମ ରାତିରେ ଯେବେ ମୁଁ ଉଠେ ବିଳିପି
ଜହ୍ନ ଆଉ ତାରାଙ୍କୁ ସାକ୍ଷୀ କରି
ମେଞ୍ଚାଏ କୋହକୁ ଛାତିରେ ଚିପୁଡି ଧରି
ଦୁନ୍ଦୁଭି ଯେବେ ବାଜି ଉଠେ
କାନେ ପୁଣି ଭେଦିଯାଏ ରଣ ତୁରୀ
ନିଦ ଏଠି ହଜିଯାଏ, ଖଣ୍ଡି ଖଣ୍ଡି ସ୍ୱପ୍ନ ସବୁ ଭାସିଯାଏ
ଶ୍ରାବଣ ଏଠି ବୁକୁ ଚିରି ବହିଯାଏ
ଦୁଇ ଧାରା ହେଇ ମୋ ଆଖି କଣରୁ
ଏଠି ତ କେବଳ ମେଞ୍ଚା ମେଞ୍ଚା ବେଦନା
ଆଉ ଯାତନା
ଶ୍ରାବଣ ତୁମେ ଆଉ କେବେ ଆସନା
ବର୍ଷା ତୁମେ ଫେରିଯାଅ ନା .....

ମୋତେ ଟିକେ ଛାଡିଦିଅ ଏକା
ମୁଁ ପୁଣି କଥାହେବି ଏକୁଟିଆ
ମୋ ସାଥେ ଥିବେ ମୋ ଜହ୍ନ ଆଉ ତାରା ।

-ଭୁବନେଶ୍ୱର
ମୋ: ୯୪୩୭୦୮୨୨୬୬

# ଦେଶାତ୍ମ

-ଡ. ସୁଚିତ୍ରା ରଥ

ଭାଇରାଲ୍ ଭିଡିଓଟି ଘୁରୁଥିଲା ଫୋନରୁ ଫୋନକୁ । ଦେଖିବାବେଳେ ଟୋକାଠାରୁ ବୁଢ଼ା କେହି ବି ଆଖି ଫେରାଇ ନେଉ ନ ଥିଲେ ସେହି ଭିଡିଓରୁ । ମନ୍ଦିର ଚଉତରାରେ ବସି ସରପଞ୍ଚଙ୍କ ପୁଅ କାବା ଆଉ ତା'ର ସାଙ୍ଗମାନେ ବାରମ୍ବାର ରିପ୍ଲେ କରି ଦେଖୁଥିଲେ ସେହି ଅଭାବନୀୟ ଦୃଶ୍ୟକୁ । କେଉଁଠି ଥିଲା ମଙ୍ଗୁ ଝପଟି ଆସି ଫୋନଟା ଝାମ୍ପି ନେଇ କଚି ଦେଲା ତଳେ । କାବା ଆଉ ତା'ର ସାଙ୍ଗମାନେ ରାଗରେ ପଞ୍ଚମ ହୋଇ ବହେ ଛେଚି ପକେଇଲେ ତାକୁ । ମଙ୍ଗୁ କିନ୍ତୁ ସେମିତି ହସୁଥିଲା ହୋ ହୋ ହୋଇ ତା'ର ଦାଢ଼ିକୁ ଆଉଁସି ଆଉଁସି । ଅନ୍ୟମାନଙ୍କଠାରୁ ମାଡ଼ ଗାଳି ଖାଇବା ତା' ପାଇଁ ନୂଆ କଥା ନୁହେଁ । ହେଲେ ତା'ର ଯାହା ଇଚ୍ଛା ସେ ତାହା ହିଁ କରେ । ଗାଁ ସାରା ଲୋକେ ତାକୁ ମଙ୍ଗୁ ପାଗଳ ବୋଲି ଡାକନ୍ତି । ଦୁଇ ଖଣ୍ଡ ଗାମୁଛାରେ ରାଇଜ ବୁଲେ ମଙ୍ଗୁ, ସେ କୁଣ୍ଢେଇ ପକାଏ ବରଗଛକୁ । ମୁଣ୍ଡିଆ ମାରେ ବୁଢ଼ୀ ଠାକୁରାଣୀକୁ । ଦେଶାତ୍ମବୋଧକ ଗୀତ ଗାଇ ସାଲ୍ୟୁଟ କରେ ପତାକାପୀଠକୁ । କେବେ କୋଠଘର ବାରଣ୍ଡାରେ ଶୋଇଯାଏ ତ କେବେ କଣ୍ଟ୍ରୋଲ ଡିଲରର ଚକଡାରେ ।

ସେଦିନ ସକାଳୁ ସକାଳୁ ଗାଁ ଦାଣ୍ଡରୁ ହୋ ହଲ୍ଲା ଶୁଭୁଥିଲା । ମଙ୍ଗୁ ସେଇ ଆଡକୁ ମାଡିଚାଲିଲା । ଗୁନିଆ ବେଷ୍ଟ ଗାଁର ବଡ଼ ପ୍ରଭାବଶାଳୀ ଲୋକ । ଗୁନିଆ ବେଷ୍ଟର ଅନର୍ଗଳ ଅଭାଷା ହିଁ ଶୁଭୁଥିଲା ଦୂରରୁ । ଗହଳି କାଟି ମଙ୍ଗୁ ଆଗେଇଲା ଘଟଣାସ୍ଥଳକୁ । ଗୁନିଆ ବେଷ୍ଟ ଧରିଥିଲା ଭାରତୀର ଚୁଟିକୁ । ଭାରତୀ କାଳେ ଡାହାଣୀ । ସେ କାଳେ ନେଇ ସାରିଲାଣି କେତେ ପିଲାଙ୍କ ଜୀବନ । ସେଥିପାଇଁ ସମ୍ପୂର୍ଣ୍ଣ ନିବସ୍ତ୍ର କରି ଗୁନିଆ ବେଷ୍ଟ ତାକୁ ଘୋଷାରି ଘୋଷାରି ନେଉଛି ଗାଁ ଦାଣ୍ଡରେ । ତା'ର ନିଶୁଆ, ପେଟୁଆ, ବଲୁଆ ଅନୁଗାମୀମାନେ ନିର୍ଘାତ ପିଟୁଛନ୍ତି ଭାରତୀକୁ । ଲାଜ ଢାଙ୍କିବାର ଶେଷତମ ଉପାଦାନ ତା'ର ହାତ ଦୁଇଟା ବି ଅସହାୟତାର ଶିକୁଳିରେ ବନ୍ଧା ତା'ର ଅଣ୍ଟା ପଛ ପାଖେ । ଲାଞ୍ଛନାର ଲାଜରେ ମିଳେଇ ଯାଉଥାଏ ଭାରତୀର ଅସ୍ମିତା । ଲୁହର ଉଜାଣିରେ ଲିପି ହୋଇ ଯାଉଥାଏ ତା'ର ଇଜ୍ଜତ । ତଥାପି ଆହୁରି ଶାସ୍ତି ବାକି ଅଛି ତା' ପାଇଁ । ଗାଁ ମୁଣ୍ଡ ମଶାଣି ପାଖରେ ଚଣ୍ଡଗୁଣିଆ କୋଠି କାଟି ମନ୍ଦାରଫୁଲ ଥୋଇ, କଳା ମାଳିଗୁଡା ବେତମୁଠା ଓ ବିଛୁଆତି ଗୋଛା ଧରି ଅପେକ୍ଷିଛି ତାକୁ । ଏମିତି ଏକ ଅନ୍ଧଗଳିରେ କେଉଁଠି ବୋଧେ ଆତ୍ମହତ୍ୟା କରିଥିଲା ସଭ୍ୟ ସମାଜ । ମୂକସାକ୍ଷୀ ହୋଇ ଏ ଦୃଶ୍ୟକୁ ଆତ୍ମସ୍ଥ କରୁଥାଆନ୍ତି ହଳହଳ ନିର୍ଲଜ ଆଖି ଓ କିଛି ମୋବାଇଲ କ୍ୟାମେରା । ହଠାତ ତୀବ୍ର ଗତିରେ ଆସି ଗୁନିଆ ବେଷ୍ଟର ମୁଣ୍ଡରେ ବାଜିଲା ତୀକ୍ଷ୍ଣ ଢେଲାଟାଏ । ରକ୍ତାକ୍ତ ହେଲା ଗୁନିଆ ବେଷ୍ଟ । ଏଥର ଭାରତୀର କେଶଗୁଚ୍ଛକୁ ଛାଡି ନିଜ ମଥାକୁ ଚାପି ଧରିଲା ସେ । ଅନ୍ୟ ସହଯୋଗୀଙ୍କ ଉପରେ ବି ଢେଲା ମାଡ ଜାରି ରଖିଥାଏ ମଙ୍ଗୁ ପାଗଳ । ସେମାନେ ଛତ୍ରଭଙ୍ଗ ଦେଲେ ଜୀବନ ବିକଳରେ । ନିଜ ଗାମୁଛାରେ ମଙ୍ଗୁ ଘୋଡ଼େଇ ପକେଇଲା ଭାରତୀକୁ । ମଙ୍ଗୁ ଆଖିରେ ଧାରଧାର ଲୁହ । ମା' ବୋଲି କହି ହାତ ଯୋଡି ମୁଣ୍ଡିଆମାରିଲା ଭାରତୀର ପାଦ ତଳେ । ସମସ୍ତଙ୍କ ଉଦ୍ଦେଶ୍ୟରେ ଲଣ୍ଡାଏ ଛେପ ପକେଇ ଦେଲା ମଙ୍ଗୁ । ତା' ଜଳନ୍ତା ଆଖି ଦୁଇଟା ଯେମିତି କହୁଥିଲା,ନାରୀ ତୁମକୁ ଗର୍ଭ ଦେଲା, ଥନ ଦେଲା, ଭୋକ ଦେଲା, ବାତ୍ସଲ୍ୟ ଦେଲା, ପ୍ରେମ ଦେଲା, ସଖ୍ୟ ଦେଲା, ସାମର୍ଥ୍ୟ ଦେଲା । ନିଜ ଭାଗର ଭୋକ, ନିଦ ଆଉ ବଳ ଦେଲା । ବଦଳରେ ତା' ପାଇଁ ଆଞ୍ଜୁଳାଏ ସସୀମ ସମ୍ମାନ ତୁମେ ଦେଇ ପାରିବନି ! ଛିଃ !

ଭାରତୀକୁ ନେଇ ଆଗେଇ ଯାଉଥିଲା ମଙ୍ଗୁ । ସ୍କୁଲ ହତାରୁ ପିଲାଙ୍କ ସ୍ଲୋଗାନ ଶୁଭୁଥିଲା, ଭାରତ ମାତାକୀ ଜୟ । ମଙ୍ଗୁ ପାଗଳ ବିଡ୍ ବିଡ୍ ହୋଇ କହୁଥିଲା, ଗାନ୍ଧିବୁଢ଼ାକୁ ପଚାରି ବି ଆଜି, ସେ ତ ଭାରତ ମାତାର ସମ୍ମାନ ରଖିଲା ଫିରିଙ୍ଗି ହଟେଇ, ହେଲେ ଭାରତୀ ମା'ର ସମ୍ମାନ କଥା କିଏ ବୁଝିବ ଯେ !

-ନୀଳଚକ୍ର ନଗର, ପୁରୀ
ମୋ.୭୦୦୮୨୭୨୯୫୩



# ନଈ ବାଲି

-ତୃପ୍ତି ରଞ୍ଜନ ଦାସ

ମାୟା, ଦେଖ ନଈ ବାଲି ଏବେ
କେମିତି ତରଳିଛି !
ତୁମ ପାଦ ଚିହ୍ନ, ମୋ ବାଲି ଘର
ଦୁହେଁ ଏବେ ସମୁଦ୍ରରେ...
ସେଦିନ ନଈ ପଠା ପବନରେ, ବିଦ୍ରୋହ ଥିଲା
ଗୋଧୂଳି ଆକାଶ ବଡ ନିର୍ମମ ଥିଲା
ଆମେ ଦୁହେଁ ମିଶିଯିବା ବେଳେ
ନଈ ବାଲିରେ ସମୟ ନିଜକୁ ସେକି
ନିଜ ଦେହ ଜାଳୁଥିଲା...

ମୁଁ ମରୁଥିଲି
ତୁମ ଆହତ ଆଖିରେ,
ନଈ ପଠା ଶ୍ମଶାନରୁ ଉଠୁଥିଲା ଧୂଆଁ
କାହା ଶବ ଦାହ ବେଳେ...
ଏ ନଈ ଜଳ ଏବେ କରୁଣାହୀନ ଉଗ୍ର ଚଞ୍ଚଳ !
ପୋଛି ନେଉଛି ନଦୀ ବନ୍ଧରୁ
କାହା ଦଶ ହାଣ୍ଡି, ମଇଁଷି ଗୋଠର ଛତା
ଠାକୁରାଣୀର ବାନା, ବରଗଛର କନା,
ଏ ନଈ ପୁଣି ଧୋଇ ନେଉଛି ଆମ ପାପ
ଜହ୍ନ ରାତିର ମିଛ ଗପ
ପୁଣି ଛପା ଛପା ଆଖିର କଜ୍ଜଳ

ମାୟା, ନଈ ବାଲି ନୁହେଁ
ଏବେ ତରଳିଛି ବୟସ ଆମ ଦୁହିଁଙ୍କର !

-କାଦୁଅପଡ଼ା, ଜଗତସିଂହପୁର
ମୋ: ୮୨୪୯୩୫୭୨୭୨





# ସମୟ ମିଳିଛି..

କଥାରେ ଅଛି ବସିବା ଠାରୁ କାଶିବା ଭଲ । ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି । ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି । ସେ କିଏ ଜାଣନ୍ତି ? ଚଙ୍କି ତନୟା ଅନନ୍ୟା ପାଣ୍ଡେ । ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି । ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା । କିନ୍ତୁ ପାଠ ପଢ଼ା ଏବଂ କାମରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି । ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟରେ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି । ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି ।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି । ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ଏବେ ଅନନ୍ୟାଙ୍କ ହାତରେ ୨-୩ଟି ଅଫର ରହିଛି । ତେବେ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ ।


ଅନନ୍ୟା

# ଜୱାନ

ଗତ କିଛି ବର୍ଷ ଶାହରୁଖଙ୍କ ଫିଲ୍ମଗୁଡିକ ସିରିଜ୍ ଫ୍ଲପ୍ ହେଉଥିଲା । ଆଉ ସେଥିପାଇଁ ଟେନସନ୍‌ରେ ଥିଲେ । କିନ୍ତୁ 'ପଠାନ୍' ସୁପରହିଟ୍ ହେବା ପରେ ଏବେ ତାଙ୍କର ଖୁସି କାହିଁରେ କେତେ । ଖୁବ୍ ଶିଘ୍ର ତାଙ୍କ ଅଭିନୀତ ଆଉ ଏକ ବିଗ୍ ବଜେଟ୍ ଫିଲ୍ମ ରିଲିଜ ହେବାକୁ ଯାଉଛି । ଏହାର ଟାଇଟଲ ରହିଛି 'ଜୱାନ' । ଚିତ୍ରଟିର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି ଅଟ୍‌ଲି । ସଂଳାପ ରଚନା କରିଛନ୍ତି ସୁମିତ ଆରୋରା । ଏ ଫିଲ୍ମ ସମ୍ପର୍କରେ ଶାହାରୁଖ କହନ୍ତି, 'ଆକ୍ଟିଂ ଏଭଳି ଏକ ଲାଇନ୍ ଯେଉଁଠି ଉତ୍‌ଥାନ ପତନ ଲାଗି ରହିଥାଏ । ଗତ କିଛି ବର୍ଷ ମୋ ପାଇଁ ସମୟ ଖରାପ ଥିଲା । ହେଲେ ମୁଁ ଭାଙ୍ଗି ପଡି ନ ଥିଲି । ମୋର ଦୃଢ଼ ବିଶ୍ୱାସ ଥିଲା ଯେ ମୋର ଆଗାମୀ ଫିଲ୍ମଗୁଡିକୁ ଦର୍ଶକ ଗ୍ରହଣ କରିବେ । ଆଉ ତାହା 'ପଠାନ୍' ପ୍ରମାଣିତ କରିଦେଲା । ଏବେ ଆଉ ଏକ ଦେଶଭକ୍ତି ଫିଲ୍ମ 'ଜୱାନ' ରିଲିଜ ହେବାକୁ ଯାଉଛି । ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ । ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ନିର୍ମିତ ଏହି ଫିଲ୍ମଟି ସେମାନଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ।' ଏଥିରେ ଶାହରୁଖଙ୍କ ବ୍ୟତୀତ ନୟନତାରା, ବିଜୟ ସେତୁପତି, ଦୀପିକା ପାଦୁକୋନ୍, ସଞ୍ଜୟ ଦତ୍ତ, ପ୍ରିୟାମଣି, ସାନ୍ୟା ମାଲହୋତ୍ରା, ଯୋଗୀ ବାବୁ ଏବଂ ସୁନୀଲ ଗ୍ରୋଭରଙ୍କ ପରି କଳାକାର ଅଭିନୟ କରିଛନ୍ତି । ଗୌରୀ ଖାଁ ଏବଂ ଗୌରବ ବର୍ମାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନିରୁଦ୍ଧ ରବିଚନ୍ଦର । ଆସନ୍ତା ମାସ ୭ ତାରିଖରେ ଚିତ୍ରଟି ରିଲିଜ ହେବାକୁ ଯାଉଛି ।


'ଜୱାନ' ଫିଲ୍ମରେ ଶାହରୁଖ

# କେବଳ ଗୀତ ପାଇଁ..

ଦୀପିକା ପାଦୁକୋନଙ୍କୁ ନେଇ ଏବେ ଚର୍ଚ୍ଚା । ଏବେ ସେ ଗୋଟିଏ କଥାକୁ ନେଇ ବ୍ୟସ୍ତ ଅଛନ୍ତି । ଅର୍ଥାତ୍, ଏକ ଗୀତ ପ୍ରାକ୍ଟିସରେ ସେ ଏବେ ନିଜକୁ ନିୟୋଜିତ ରଖିଛନ୍ତି । ୟା' ପଛରେ ସେମିତି କାରଣ ମଧ୍ୟ ରହିଛି । କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି । ଏଥିରେ ସଂଯୋଜିତ ଗୀତଗୁଡିକୁ ଶୁଣିବା ପରେ ସେଗୁଡିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି । ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ, ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି । ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ । ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି । ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି । ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ ।' ତେବେ ଏଥିରେ ଦୀପିକାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ।


ଦୀପିକା

# କାନ୍ଦିଲେ କିଆରା

କିଆରା ଆଡଭାନୀ କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା । କିଛି ସପ୍ତାହ ପୂର୍ବରୁ ତାଙ୍କୁ ଏକ ନୂଆ ଅଫର ମିଳିଥିଲା । ନୂଆ ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ତାଙ୍କୁ ସହଯୋଗ କରିଥିଲେ । ହେଲେ କାହାଣୀର କ୍ଲାଇମାକ୍ସ ସମୟରେ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା । ହଠାତ୍ କ'ଣ ହେଲା ତାହା ପ୍ରଯୋଜକ ଜାଣିପାରିଲେ ନାହିଁ । ଏ ସମ୍ପର୍କରେ କିଆରା କହନ୍ତି, 'ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ । ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ । ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି । ହେଲେ ମୁଁ କାହାଣୀ ସହ ଏପରି ମଜ୍ଜି ଯାଇଥିଲି ଯେ ହଠାତ୍ ଇମୋଶନାଲ ହୋଇପଡିଥିଲି । ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ ।' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ ।


କିଆରା

# ଏମଭି-୭୯ : ସପନ କୁଣ୍ଡୁ

ଭାଇ-ଭଉଣୀର ସମ୍ପର୍କ ପବିତ୍ର । ରାଖୀ ପୂର୍ଣ୍ଣିମା ଦିନ ନିଜର ସୁରକ୍ଷା ପାଇଁ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ । ତେବେ ଭାଇ-ଭଉଣୀର ଏକ ବାସ୍ତବ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ଓଡ଼ିଆ ସିନେମା । ଏହାର ଟାଇଟଲ ରହିଛି 'ଏମଭି-୭୯ : ସପନ କୁଣ୍ଡୁ' । ମାଲକାନଗିରିର ଏକ ଗାଁର କ୍ରମିକ ନମ୍ବର ହେଉଛି ୭୯ । ସେଠାରେ ଘଟିଥିବା ଏକ ଘଟଣାକୁ ନେଇ କାହାଣୀ ରଚନା କରାଯାଇଛି । ଏହି ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଯୁବ ପ୍ରଯୋଜକ ଏ.କେ. ଦ୍ୱିବେଦୀ । ବେଶ୍ କମ୍ ବୟସ ଅର୍ଥାତ୍, ମାତ୍ର ୨୫ ବର୍ଷ ବୟସରେ ସେ ଓଡିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି । ଏଥିରେ ଭାଇ ଭୂମିକାରେ ବିଶ୍ୱରୂପ ଅଭିନୟ କରିବେ ଏବଂ ସେ ଏହାର ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି । ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଜିତେନ୍ଦ୍ର ବରାଳ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସରୋଜକାନ୍ତ । ସୂଚନାଯୋଗ୍ୟ ବିଶ୍ୱରୂପଙ୍କ ପ୍ରଥମ ଓଡ଼ିଆ ସିନେମାର ନିର୍ଦ୍ଦେଶନା ମଧ୍ୟ ସରୋଜକାନ୍ତ ଦେଇଥିଲେ । ଏହାବ୍ୟତୀତ ତାଙ୍କ ଅଭିନୀତ 'ଜୟୀ ରାଜଗୁରୁ' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି ।

# ଭୂମିଙ୍କ ଖୁସି

ଯାହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି । କଥା କ'ଣ କି, ଜଣେ ନବାଗତ ପ୍ରଯୋଜକ ତାଙ୍କ ଆଗାମୀ ଫିଲ୍ମରେ ଭୂମି ପେଦନେକରଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତାଙ୍କୁ ଯୋଗାଯୋଗ କରିବା ପରେ ଭୂମି ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ । ଶେଷରେ ଦୁହିଁଙ୍କ ଭିତରେ ଭଲ ଭାବରେ ଆଲୋଚନା ହୋଇ ଘଟଣାର ପରିସମାପ୍ତି ଘଟିଛି । ଏ ବିଷୟରେ ଭୂମି କହନ୍ତି, 'କାହାଣୀ ଶୁଣିବା ପରେ ମୋ ଭୂମିକାରେ କିଛି ପରିବର୍ତ୍ତନ କରିବାକୁ ପ୍ରଯୋଜକଙ୍କୁ ପରାମର୍ଶ ଦେଇଥିଲି । ତା'ସହ ସେଥିରେ କିଛି ଷ୍ଟଣ୍ଟ ଶଟ୍ ରଖିବାକୁ କହିଥିଲି । ଶେଷରେ ସେ ମୋ କଥା ରଖିଥିଲେ । ଆଉ ମୋ ଭୂମିକାରେ ପ୍ରଯୋଜକ କିଛି ପରବର୍ତ୍ତନ କରିଛନ୍ତି । ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି । ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ ।' ତେବେ ଏହି ରୋଲ୍ ଭୂମିଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ ।


ଭୂମି

**ପ୍ରଥମ ରୋଜଗାର**



# ପାରିଶ୍ରମିକର ଖୁସିକୁ ଘର ଲୋକଙ୍କ ସହ ବାଣ୍ଟିଛି

ସାହିତ୍ୟିକା ତଥା ସାମାଜିକ କର୍ମୀ **ଉଷାରାଣୀ ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲାର ମହତପଲା ଗାଁରେ ମୋ ଜନ୍ମ। ଦଶମ ପଢିବାବେଳେ ମୋ ବାହାଘର ହୋଇଗଲା। ଶାଶୁଘର କାକଟପୁରରେ ହୋଇଥିଲେ ହେଁ ସ୍ୱାମୀ ଯେହେତୁ ବ୍ରହ୍ମପୁରରେ ଚାକିରି କରୁଥିଲେ, ତେଣୁ ମୁଁ ଯାଇ ବ୍ରହ୍ମପୁରରେ ରହିଲି। ପାଠପଢା ପ୍ରତି ମୋର ଆଗ୍ରହ ଥିବା ଜାଣି ସ୍ୱାମୀ ମୋତେ ପୁଣି ପାଠ ପଢିବାକୁ ସୁଯୋଗ ଦେଲେ। ତାଙ୍କରି ସହଯୋଗରେ ୧୯୭୧ରେ ମୁଁ ଏକାଦଶ ପାସ୍ କଲି। ତା'ପରେ ଛୁଆ ପିଲାଙ୍କ ଜଞ୍ଜାଳ ଭିତରେ ଆଉ ପଢି ପାରିଲି ନାହିଁ। ସ୍ୱାମୀଙ୍କର ଚାକିରିରେ ବଦଳି ଯୋଗୁ କିଛିଦିନ ପୁରୀ, ତା'ପରେ ସମ୍ବଲପୁର ଆଉ ଯେବେ କଟକକୁ ଆମେ ଆସିଲୁ, ସେତିକିବେଳେ ମୋତେ କିଛିଟା ସମାଜସେବା କରିବାର ସୁଯୋଗ ମିଳିଥିଲା ; ଯାହାକି ମୋତେ ବେଶ୍ ଆନନ୍ଦ ଦେଇଥିଲା। ଭୁବନେଶ୍ୱର ବଦଳି ହୋଇ ଆସିବା ପରେ ପ୍ରଥମେ ଆମେ କେତେଜଣ ମହିଳା ମିଶି ଏକ ମହିଳାସମିତି ଗଢିଲୁ ଆଉ ସେଠି ବିଭିନ୍ନ ପ୍ରକାରର ମସଲାଦ୍ରବ୍ୟ ତିଆରି କରି କେତେକ ହଷ୍ଟେଲକୁ ଯୋଗାଇଲୁ। ତା'ପରେ କାବ୍ୟଭାରତୀ ସୁନ୍ଦରମଣି ପଟ୍ଟନାୟକଙ୍କ ସହ ମୋର ପରିଚୟ ହେଲା ; ଯିଏକି ସେତେବେଳେ ଜନତା ଦଳର ଜଣେ ସଦସ୍ୟା ଥିଲେ। ତାଙ୍କରି ସହାୟତାରେ ମୁଁ ବି ଜନତା ଦଳର ଜଣେ ସଦସ୍ୟା ହୋଇଗଲି। ବାସ୍ ତା'ପରଠୁ ମୁଁ ସମାଜସେବା କ୍ଷେତ୍ରରେ ବେଶ୍ ସକ୍ରିୟ ରହିବାକୁ ଲାଗିଲି। ସମାଜସେବା ବ୍ୟତିତ କବିତା ଲେଖାରେ ରୁଚି ଥିବାରୁ ଅନେକ କବିତା ବି ଲେଖିଲି ; ଯାହା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହେଲା। ଆଉ ଯେଉଁଥିପାଇଁ ମୋତେ ବିଭିନ୍ନ ଅନୁଷ୍ଠାନ ତରଫରୁ ଅନେକ ସ୍ୱୀକୃତି ଓ ସମ୍ମାନ ମଧ୍ୟ ମିଳିଲା। ତେବେ ଏହି କବିତା ଲେଖା ପାଇଁ ଲେଖିକା ସଂସଦ ତରଫରୁ ମିଳିଥିବା ୧୦୦୦ ଟଙ୍କା ଓ ଏକ ସାଲ୍‌ର ଉପହାରକୁ ମୁଁ କେବେ ବି ଭୁଲି ବି ନାହିଁ। କାରଣ ଏହା ଥିଲା ମୋ ଜୀବନର ପ୍ରଥମ ପୁରସ୍କାର ରାଶି ; ଯାହାର ଖୁସିକୁ ମୁଁ ମୋ ପରିବାର ଲୋକଙ୍କ ସାଙ୍ଗେ ବାଣ୍ଟିଥିଲି। କବିତା ଲେଖିବା ସହିତ ସେ ସମୟରେ 'ନିୟନ୍ତା' ନାମକ ଏକ ପତ୍ରିକାର ମଧ୍ୟ ମୁଁ ସମ୍ପାଦନା କରୁଥିଲି। କ୍ରମେ ମହିଳା ବ୍ୟାଙ୍କ୍‌ର ଡାଇରେକ୍ଟର, ଅଳକାର ଡାଇରେକ୍ଟର ତଥା ଓପୋଲ୍‌ଫେଡ୍‌ର ଡାଇରେକ୍ଟର ଭାବେ ବି କାମ କରିବାର ସୁଯୋଗ ପାଇଲି। କେବଳ ସେତିକି ନୁହେଁ, ଉତ୍କଳ ସମ୍ମିଳନୀର ଜଣେ ସଦସ୍ୟା ଭାବେ ୧୯୯୪ରେ ଯୋଗ ଦେଇଥିଲି ଆଉ ଏବେ ମୁଁ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ଭାଇସ୍ ପ୍ରେସିଡେଣ୍ଟ ଅଛି। ଏହାଛଡ଼ା ମହିଳା ଦକ୍ଷତା ସମିତିର ଓଡିଶା ହେଡ୍, ବରିଷ୍ଠ ନାଗରିକ ମଞ୍ଚର ଏକ୍‌ଜିକ୍ୟୁଟିଭ୍ ମେମ୍ବର ତଥା ଭିମଟାଙ୍ଗିସ୍ଥିତ ୱାର୍କ ଆସୋସିଏଶନ୍‌ର ଭାଇସ୍ ପ୍ରେସିଡେଣ୍ଟ ଦାୟିତ୍ୱ ବି ମୁଁ ଏବେ ତୁଲାଉଅଛି। ତେବେ ଏଠାରେ କହି ରଖିବାକୁ ଚାହେଁ ଯେ, ଆଗରୁ ନିୟମିତ ଭାବେ କବିତା ପାଠୋତ୍ସବରେ ଯୋଗ ଦେଉଥିଲି ; କିନ୍ତୁ ଏବେ ବୟସ ହୋଇଯିବାରୁ ଆଉ ଯାଇପାରୁନି। ହେଲେ ସମାଜସେବା ସେମିତି ଜାରି ରହିଛି। କାରଣ ଏହା ମୋ ଜୀବନ। ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଅସହାୟଙ୍କୁ ସାହାଯ୍ୟ କରିଚାଲିଥିବି।

# ସୁନ୍ଦରୀ ହସରେ ଅନେକ କଥା, ଘଡ଼ିଏ ଖୁସିକୁ ଘଡ଼ିଏ ବ୍ୟଥା

**ସାଥୀ**



**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ତା'ପରେ ମୋ ମନ କୁତୁକୁତୁ ଲାଗୁଛି। ଏପରି ଲାଗୁଛି ଯେ ସତେଯେମିତି ମୁଁ ତା' ପ୍ରେମରେ ପଡିଯାଇଛି। ଏବେ କ'ଣ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ତପନ ନାୟକ, ରାଉରକେଲା*

**ଉତ୍ତର:** ମନରେ ଯେତେବେଳେ ପ୍ରେମର ଲହଡି ଆସେ ସେତେବେଳେ ତାହାକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। କାରଣ ଏହି ନିଶା ଥରେ ଘାରିଲେ ତାହା ସହଜରେ ତଳ ମୁହାଁ ହୋଇ ନ ଥାଏ। କାରଣ 'ସୁନ୍ଦରୀ ହସରେ ଅନେକ କଥା, ଘଡ଼ିଏ ଖୁସିକୁ ଘଡ଼ିଏ ବ୍ୟଥା'। ତେଣୁ ଏହି ସମୟରେ ବେଶ୍ ସତର୍କତାର ସହ ପାଦ ପକାଇବାକୁ ହୋଇଥାଏ। ନ ହେଲେ ମନ ଆପଣଙ୍କୁ ଏପରି ରାସ୍ତାରେ ନେଇଯାଏ, ଯାହାଠାରୁ ପ୍ରେମ ଅନେକ ଦୂରରେ ରହିଯାଏ। ତେଣୁ ତରବର ନ ହୋଇ ଦେଖିଚାହିଁ ଆଗାନ୍ତୁ। ଯଦି ସେ ସୁନ୍ଦରୀ ପ୍ରେମରେ ବାଇଆ ହୋଇଛନ୍ତି, ତାହାର ଠିକଣା ଜାଣିଛନ୍ତି କି? ଯଦି ହଁ, ତେବେ ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ ଯେ, ଯେମିତି ଏକାଥରେ ସେ କ୍ଲିନ୍ ବୋଲ୍ଡ ହୋଇଯିବ। ଆଉ ତା'ପରେ ଖାଲି ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି ?

**ପ୍ରଶ୍ନ**–ତା' ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି। ସେହି ଲାଜରେ କ'ଣ ପ୍ରେମ ଲୁଚି ରହିଛି ?

*–ପ୍ରୀତମ ରାଉତ, ବଲାଙ୍ଗୀର*

**ଉତ୍ତର:** ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି ତେବେ ବିଳମ୍ବ କରିବାର କିଛି କାରଣ ନାହିଁ। କାରଣ 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମିକା ମୋତେ ଧୋକା ଦେଇ ଚାଲିଗଲା। ଯା' ଭିତରେ ମୁଁ ୩-୪ ଜଣ ଝିଅଙ୍କୁ ପ୍ରପୋଜ କରିସାରିଲେଣି। ହେଲେ ସେପଟୁ କିଛି ଉତ୍ତର ମିଳୁନାହିଁ। କ'ଣ କରିବି ?

*–ଅଭିଷେକ ସାହୁ, କଟକ*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ତ ପର କରି ଚାଲିଗଲା। ଏବେ ସେ ବିଷୟରେ ଭାବିଲେ କ'ଣ ହେବ ? ପୁରୁଣା ଘା'କୁ ଉଖୁରାଇଲେ କେବଳ ଯନ୍ତ୍ରଣା ହୁଏ ସିନା ହେଲେ ମନକୁ ଶାନ୍ତି ମିଳେନା। ପ୍ରଥମ ପ୍ରେମରେ ଅସଫଳ ହେବା ପରେ ଉଲ୍ଲେଖ କରିଛନ୍ତି ଯେ, ଆହୁରି ୩-୪ ଜଣଙ୍କୁ ପ୍ରପୋଜ କରିଥିଲେ। ହେଲେ ସେପଟୁ କିଛି ଉତ୍ତର ମିଳିଲା ନାହିଁ। ହୁଏତ ଆପଣଙ୍କ ପ୍ରପୋଜରେ କିଛି ଭୁଲ୍ ରହିଯାଇଛି। ତେଣୁ ପ୍ରପୋଜ କରିବା ପୂର୍ବରୁ ପାଣିପାଗ ବିଷୟରେ ଭଲ ଭାବର ଚିନ୍ତା କରନ୍ତୁ। ଯଦି ସବୁକିଛି ଠିକ୍ ଅଛି ତେବେ ଆଗେଇଲେ ହୁଏତ ଆପଣଙ୍କ ମିଶନ ସକସେସ୍ ହୋଇପାରେ। ନ ହେଲେ କଥାଟି କେବଳ ଅନ୍ଧାରରେ ବାଡି ବୁଲାଇବା ପରି ହେବ।

**ପ୍ରଶ୍ନ**– ସାଙ୍ଗ କଥାରେ ପଡ଼ି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ଜୀତେନ କୁମାର, ସୁନାବେଡା*


**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

# ପଟ୍ଟଚିତ୍ର ପାଇଁ ପରିଚୟ



**ବାପା ଜଣେ ପଟ୍ଟଚିତ୍ର କାରିଗର। ଆଉ ପରିବାରର ରୋଜଗାରର ମାଧ୍ୟମ ବି ପଟ୍ଟଚିତ୍ର ଥିଲା। ପିଲାବେଳୁ ଘରେ ଦେଖି ଆସୁଥିବା ପଟ୍ଟଚିତ୍ର କାରିଗରୀ ଆଜି ତାଙ୍କୁ ଜଣେ ପଟ୍ଟଚିତ୍ର ଶିଳ୍ପୀର ମାନ୍ୟତା ଦେଇଛି..**


ଶିଳ୍ପୀଙ୍କ କଳାକାରି ଦେଖିଲେ ଯେ କେହି ବି ମୁଗ୍ଧ ହୋଇଯିବେ। ବିଶେଷକରି ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ ସେ କଳାର ରୂପ ଦିଅନ୍ତି। ପ୍ରସ୍ତୁତ କରନ୍ତି ପଟ୍ଟଚିତ୍ର। ଇଏ ହେଲେ ଯୁବ ପଟ୍ଟଚିତ୍ର ଶିଳ୍ପୀ ପ୍ରଦ୍ୟୁମ୍ନ ମହାପାତ୍ର। ଘର ତାଙ୍କର ପୁରୁଣା ଭୁବନେଶ୍ୱରରେ। ସେ କୁହନ୍ତି, ଆମ ପରିବାରର ରୋଜଗାରର ମାଧ୍ୟମ ହେଉଛି ଏହି ପଟ୍ଟଚିତ୍ର। ପିଲାବେଳୁ ମୁଁ ଦେଖି ଆସିଛି ସମସ୍ତେ କେମିତି ପଟ୍ଟଚିତ୍ର ପ୍ରସ୍ତୁତ କରନ୍ତି। ମୋତେ ବି ଦେଖିଦେଖି ଖୁବ୍ ଭଲ ଲାଗେ। କହିବାକୁ ଗଲେ, ଏହି ଛୋଟ ବୟସରୁ ହିଁ ପଟ୍ଟଚିତ୍ର କରିବାର ନିଶା ମୋ ଭିତରେ ଆସିଥିଲା। ମୋ ବାପା ପୁରୁଷୋତ୍ତମ ମହାପାତ୍ରଙ୍କର ହସ୍ତକଳାରେ ସ୍ୱତନ୍ତ୍ର ପରିଚୟ ରହିଛି। ଘରେ ସେ ଯେତେବେଳେ ପଟ୍ଟଚିତ୍ର କରନ୍ତି, ଏଥିରେ ପରିବାରର ଅନ୍ୟମାନେ ସହଯୋଗ କରିଥାନ୍ତି। ମୋ ମା' କୁନାମଣି ଦେଇ ମଧ୍ୟ ବିଭିନ୍ନ ଚିତ୍ର କରିଥାନ୍ତି। +୨ ପଢ଼ା ବେଳେ ଏକ ହସ୍ତକଳା ଶିବିରରେ ପ୍ରାୟ ୧ ବର୍ଷ ଟ୍ରେନିଂ ନେଇଥିଲି। ତା'ପରେ ୨୦୧୧-୧୨ ମସିହାରେ ଗଣ୍ଡମୁଣ୍ଡା ହସ୍ତକଳା ଟ୍ରେନିଂ ସେଣ୍ଟରରେ ଯୋଗଦେଇଥିଲି। ପଟ୍ଟଚିତ୍ର ତିଆରି ପାଇଁ କେହିକେହି ତାଳପତ୍ରରେ ଖୋଦେଇ କରିଥାନ୍ତି। ସେହିପରି ଆଉ କେହି କେହି କଟନ ଶାଢ଼ିକୁ ଚଟାଣରେ ପାରି ସେଥିରେ ତେନ୍ତୁଳିମଞ୍ଜିର ମଣ୍ଡ ଦେଇ ଖରାରେ ଶୁଖାଇ ରଖିଥାନ୍ତି। ଏହାପରେ ଖଡ଼ିଗୁଣ୍ଡର ପ୍ରଲେପ ଦିଆଯାଇଥାଏ। ପରେ ଏହି କନାକୁ ପଲିସକରିବା ପାଇଁ ଖୁଆ ପଥରକୁ ଘଷା ଯାଇଥାଏ। ତା'ପରେ ପେନ୍‌ସିଲରେ ବିଭିନ୍ନ ପ୍ରକାର ଚିତ୍ରକୁ ସ୍କେଚ୍ କରାଯାଇଥାଏ। ଅଙ୍କନ କରାଯାଇଥିବା ଚିତ୍ରରେ ବିଭିନ୍ନ ପ୍ରାକୃତିକ ରଙ୍ଗ ଦିଆଯାଇଥାଏ। ଯଥା- ହେଙ୍ଗୁଳ, ହରିତାଳ, ଧଳା, ପିହୁଳି, ଖଣ୍ଡନୀଳ, ସିନ୍ଦୂର, ଡିବି କିମ୍ବା ଦୀପକଳାରେ କଇଁଥ ଅଠା ମିଶାଯାଇଥାଏ। ତା' ପରେ ପଟ୍ଟଚିତ୍ରରେ ଏହି ଦେଶୀ ରଙ୍ଗକୁ ଲଗାଇଥାନ୍ତି। ଫଳରେ ଚିତ୍ରଗୁଡ଼ିକ ସୁନ୍ଦର ଦିଶିଥାଏ। ବିଶେଷକରି ବିଭିନ୍ନ ପୌରାଣିକ ବିଷୟକୁ ନେଇ ଶ୍ରୀଗଣେଶ, ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥଙ୍କ ମହାପ୍ରଭୁଙ୍କ କାଞ୍ଚି ଅଭିଯାନ, ବିଭିନ୍ନ ବେଶ, ଶ୍ରୀକୃଷ୍ଣଙ୍କ କାଳୀୟଦଳନ, ଶ୍ରୀରାମଚନ୍ଦ୍ରଙ୍କ ନୌକାଯାତ୍ରା ଆଦି ପଟ୍ଟଚିତ୍ର ତିଆରି କରିଥିଲି। ନର୍ତ୍ତକୀ, ବୋଇତ ବନ୍ଦାଣ, ରଜଦୋଳି, ସବାରି ପାଲିଙ୍କି, ବରକନ୍ୟା, ଶୁଭବିବାହ, ବରଯାତ୍ରୀ, ଶୁଆଶାରୀ, ହାତୀ, ମୟୂର ଆଦି ବିଭିନ୍ନ ପଟ୍ଟଚିତ୍ର ତିଆରି କରିଥାଏ। ଏଥିପାଇଁ ରାଜ୍ୟ ଓ ବାହାର ରାଜ୍ୟରେ ଆୟୋଜିତ କେତେକ ହସ୍ତକଳା ମେଳାରେ ଯୋଗଦେଇ ଏହି ପଟ୍ଟଚିତ୍ରଗୁଡ଼ିକୁ ବିକ୍ରିକରିଥାଏ। ଭୁବନେଶ୍ୱରରେ ଆୟୋଜିତ ହସ୍ତକଳା ଶିବିରରେ ଏକାଧିକ ଥର ଯୋଗଦେଇଛି। ପଟ୍ଟଚିତ୍ର ପ୍ରଦର୍ଶନୀ ପାଇଁ ମୋତେ ପୁରସ୍କାର ମିଳିଛି।












# ୧୧୨ କୋଟିର ଗୋଲାପ





ଗୋଲାପ ଫୁଲର ସୌନ୍ଦର୍ଯ୍ୟ କାହାକୁ ବି ଆନମନା କରିବାକୁ ଯଥେଷ୍ଟ। ଏମିତି କେହି ନ ଥିବେ ଯିଏକି ଏହାକୁ ପସନ୍ଦ କରୁ ନ ଥିବେ। ଯେକୌଣସି ରଙ୍ଗର ହେଲେ ବି ଗୋଲାପ ଫୁଲ ଖୁବ୍ ସୁନ୍ଦର। ତେଣୁ ବଜାରରେ ଏହାର ଚାହିଦା ବହୁତ ଥାଏ। ତେବେ ଏମିତି ବି ଏକ ଗୋଲାପ ଅଛି ଯାହାକୁ ସାଧାରଣ ଫୁଲ ଦୋକାନରେ ଖୋଜିଲେ ମିଳିବ ନାହିଁ। ଏହାର ସୌନ୍ଦର୍ଯ୍ୟ ଆପଣଙ୍କୁ ଆକର୍ଷିତ କରିବ, କିଣିବାକୁ ପ୍ରବର୍ତ୍ତାଇବ। ହେଲେ ଏହାକୁ କିଣିବା ତ ଦୂର କଥା ଧରିବାକୁ ସୁଯୋଗ ପାଇବେ ନାହିଁ କି ତା'ର ମଧୁର ସୁଗନ୍ଧକୁ ଆଘ୍ରାଣ କରିବା ବି ସାତ ସପନ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ଦାମୀ ଗୋଲାପ ଫୁଲ। ଆଉ ଏହାର ଦାମ ଜାଣିଲେ ତ ହୋସ୍ ଉଡ଼ିଯିବ। ଏହାର ମୂଲ୍ୟ ୧୧୨ କୋଟିରୁ ଊର୍ଦ୍ଧ୍ୱ। ବିଶ୍ୱାସ ନ ହେଲେ ବି ଏହା ସତ। ହୀରାଠାରୁ ବି ଏହାର ଦାମ ଅଧିକ। କାରଣ ଏହି ଖାସ୍ ଫୁଲଗଛକୁ ଲଗାଇବା ଓ ସେଥିରେ ଫୁଲ ହେବା ଲାଗି ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗେ। ଆଉ ଏହା ଦେଖିବାକୁ ବହୁତ ସୁନ୍ଦର ଓ ଏହାର ମହକ ତ ସ୍ୱର୍ଗୀୟ ଅନୁଭବ ପ୍ରଦାନ କରେ। ଏହା 'ଜୁଲିଏଟ୍ ରୋଜ୍' ନାମରେ ବେଶ୍ ପରିଚିତ। ଉକ୍ତ ଗୋଲାପକୁ ପ୍ରଥମେ ୨୦୦୬ରେ ଡେଭିଡ ଅଷ୍ଟିନ ନାମକ ଜଣେ ବ୍ୟକ୍ତି ଅନେକ ଗବେଷଣା କରିବା ପରେ ଲଗାଇଥିଲେ। ୧୫ ବର୍ଷ ଯତ୍ନ ନେବା ପରେ ଯାଇ ଏଥିରେ ଫୁଲ ଧରେ। ଉକ୍ତ ଫୁଲକୁ ଅନେକ ପ୍ରଜାତିର ଗୋଲାପକୁ ମିଶାଇ ତିଆରି କରାଯାଇଛି। ସେଥିପାଇଁ ଏହା ବହୁମୂଲ୍ୟ।

## ରାଜେଶ୍ୱରୀ



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

### ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଲାଞ୍ଜ

ଶିକ୍ଷକ: ଗାଇ ଲାଞ୍ଜ କାହିଁକି ହଲାଏ ?
ପିଣ୍ଟୁ: ସାର୍ ମୁଁ କହିବି।
ଶିକ୍ଷକ: ହଉ କହ।
ପିଣ୍ଟୁ: ଗାଇ ଲାଞ୍ଜକୁ ହଲାଏ କାରଣ ଲାଞ୍ଜର ବଳ ନ ଥାଏ ଗାଇକୁ ହଲାଇବା ପାଇଁ।

### ହାତ୍ ଧୋ କେ

ମଡର୍ନ ସ୍ତ୍ରୀ ବାହାରୁ ଦୌଡ଼ି ଦୌଡ଼ି ଆସି ସ୍ୱାମୀଙ୍କୁ: ହେଇଟି ଶୁଣୁଛ, ମୋ ପଛରେ ଜଣେ ହାତ ଧୋକେ ପଡ଼ିଯାଇଛି।
ସ୍ୱାମୀ: ଗୋଟେ କାମ କର, ଜଲ୍‌ଦୀ ତମେ ତମ ମେକ୍‌ଅପ୍ ବାଲା ମୁହଁ ଧୋଇକି ତାକୁ ଦେଖେଇ ଦିଅ। ସେ ଆଉ କେବେ ତମ ପଛରେ ପଡ଼ିବନି।

### ମଗେଇବି

ମନୋଜ ବାବୁ ନିଜ ଗର୍ଲଫ୍ରେଣ୍ଡକୁ ରେଷ୍ଟୁରାଣ୍ଟ ନେଇକି ଯାଇଥାନ୍ତି।
ମନୋଜ ବାବୁ: କୁହ ତୁମ ପାଇଁ କ'ଣ ମଗେଇବି।
ଗର୍ଲଫ୍ରେଣ୍ଡ: ମୋ ପାଇଁ ପିଜ୍ଜା, ଆଉ ତମ ପାଇଁ ଆମ୍ବୁଲାନ୍ସ ମଗାଅ।
ମନୋଜ: ଆମ୍ବୁଲାନ୍ସ!
ଗର୍ଲଫ୍ରେଣ୍ଡ: ହଁ, ପଛପଟକୁ ବୁଲି ଦେଖ ତମ ସ୍ତ୍ରୀ ଠିଆ ହେଇଛନ୍ତି।








# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା

# ଚିକ୍‌ମଗାଲୁର

**କର୍ନାଟକର ଚିକ୍‌ମଗଲୁର ଜିଲାରେ ଅବସ୍ଥିତ ଚିକ୍‌ମଗଲୁର ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନରେ ରହିଛି ଅନେକ ଦର୍ଶନୀୟସ୍ଥାନ। କୋଳାହଳରୁ ଦୂରରେ ଥିବା ଏହି ସ୍ଥାନରେ ନିରୋଳାରେ ଟିକେ ସମୟ ବିତାଇବା ପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳି ଲାଗି ରହିଥାଏ...**

କର୍ନାଟକର ଚିକ୍‌ମଗଲୁର ଜିଲାରେ ଥିବା ଚିକ୍‌ମଗଲୁର୍ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଦର୍ଶନୀୟସ୍ଥାନ। ପାହାଡ, ଜଙ୍ଗଲ, ଝରଣା, ହ୍ରଦର ଆକର୍ଷଣରେ ଆକର୍ଷିତ ଏହି ସ୍ଥାନରେ ରହିଛି ପ୍ରସିଦ୍ଧ ମୁଲ୍ଲାୟାନ୍ ଗିରି୍ ; ଯାହା ହେଉଛି ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। କେବଳ ଏତିକି ନୁହେଁ ଏଠାରେ ଥିବା ଅନେକ ପାର୍କ ତଥା ଆଧାତ୍ମିକ ପୀଠ ବି ପର୍ଯ୍ୟଟକ ବୁଲି ଦେଖିପାରିବେ।



**କ'ଣ ସବୁ ରହିଛି ଏଠାରେ**

ଚିକ୍‌ମଗଲୁର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ମୁଲ୍ଲାୟାନ ଗିରି, ବାବା ବୁଦନଗିରି ପର୍ବତ, ଆୟାନାକେରେ ହ୍ରଦ, ଭଦ୍ରା ବନ୍ୟପ୍ରାଣୀ ଅଭୟାରଣ୍ୟ, କୁଦ୍ରେମୁଖ ଜାତୀୟ ଉଦ୍ୟାନ, ଭଦ୍ରା ଡ୍ୟାମ୍, ହୋରାନାଡୁ ଓ ସ୍ରିଙ୍ଗେରୀ ନାମରେ ଦୁଇଟି ତୀର୍ଥ ସ୍ଥାନ, ୟଗତି ମଲ୍ଲିକାର୍ଜୁନ ମନ୍ଦିର, ବେଲୁର୍ ଓ ହାଲେବେଦୁ, ଜଙ୍ଗଲ୍ ପାର୍କ, ଇକୋ ଟୁରିଷ୍ଟ ସ୍ପଟ୍, ଗୁମ୍ଫା ମନ୍ଦିର, ଭ୍ୟୁ ପଏଣ୍ଟ ଇତ୍ୟାଦି ହେଉଛି ସ୍ଥାନୀୟ କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ।

**ଆଉ କ'ଣ ଖାସ୍ ରହିଛି ଏଠାରେ**

କଳା ସଂସ୍କୃତିକୁ ଭଲ ପାଉଥିବା ଚିକ୍‌ମଗଲୁରବାସୀ ବି ବେଶ୍ ନାଟକପ୍ରେମୀ ହୋଇଥାନ୍ତି। ସେଥିପାଇଁ ଏଠାରେ କେତେକ ଥିଏଟର୍ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକ ଚାହିଁଲେ ଉକ୍ତ ଥିଏଟର୍ ଆଡ଼େ ବି ବୁଲି ଯାଇପାରିବେ। ଅନ୍ୟପକ୍ଷେ ଶପିଂ ପାଇଁ ବି ଏଠାରେ ରହିଛି ଅନେକ ମାର୍କେଟ୍ ; ଯେଉଁଠାରୁ ପର୍ଯ୍ୟଟକ ନିଜ ପସନ୍ଦ ମୁତାବକ ଜିନିଷ ବେଶ୍ ସୁଲଭ ମୂଲ୍ୟରେ କିଣି ପାରିବେ।

**ଚିକ୍‌ମଗଲୁରର ଅର୍ଥନୀତି**

ଚିକ୍‌ମଗଲୁରରେ ମୁଖ୍ୟତଃ କଫି ଉତ୍ପାଦନ ଭଲ ହୋଇଥାଏ। ଏହା ବାହାରକୁ ରପ୍ତାନୀ ମଧ୍ୟ ହୁଏ। ତେଣୁ ଚିକ୍‌ମଗଲୁରର ଅର୍ଥନୀତି ମୁଖ୍ୟତଃ କଫି ଚାଷ ଉପରେ ନିର୍ଭର କରିଥାଏ। ତା'ଛଡ଼ା ପର୍ଯ୍ୟଟନରୁ ମଧ୍ୟ ଏହି ଅଞ୍ଚଳ ଅନେକ ଫାଇଦା ପାଇଥାଏ। ତେଣୁ ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା କଫି ବଗିଚା ଆଡ଼େ ମଧ୍ୟ ବୁଲି ଯାଇ କିଛିଟା ନିଆରା ଅନୁଭୂତି ଲାଭ କରିପାରିବେ।

**କ'ଣ ଖାଇବେ**

ଚିକ୍‌ମଗଲୁରର ସ୍ଥାନୀୟ ଭୋଜନ ମାଲନଡ ବ୍ୟଞ୍ଜନ ଭାବେ ପରିଚିତ। ବିଶେଷକରି ମସଲାଦାର ବ୍ୟଞ୍ଜନ ଏଠାକାର ଲୋକଙ୍କର ଖୁବ୍ ପ୍ରିୟ। ଭାତ ଓ ମାଛ ତରକାରୀ ସ୍ଥାନୀୟ ଲୋକେ ଖାଇବାକୁ ବହୁତ ପସନ୍ଦ କରିଥାନ୍ତି। ତା'ଛଡ଼ା ଅକ୍କି ରୋଟି, କକଡ, ନେନ୍ଦ୍ରାନ ଚିପ୍ସ (କଦଳୀର ଏକପ୍ରକାର ଚିପ୍ସ) ବି ଏଠାରେ ଭଲ ବିକ୍ରି ହୋଇଥାଏ। ପଇଡ଼ ପାଣି ପିଇବାକୁ ମଧ୍ୟ ସ୍ଥାନୀୟ ଲୋକେ ଖୁବ୍ ଭଲ ପାଆନ୍ତି। ତା'ଛଡ଼ା ଏଠାରେ ଯେହେତୁ କଫି ଭଲ ଚାଷ ହୋଇଥାଏ, ତେଣୁ କଫି ପିଇବାର ମଜା ହିଁ ଏଠି ବେଶ୍ ନିଆରା ଲାଗେ।





**କେବେ ଓ କେମିତି ଯିବେ**


ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବା ପାଇଁ ସୁବିଧା ରହିଛି। କିନ୍ତୁ ବର୍ଷାଦିନେ ଯଦି ଏଠାକୁ ବୁଲିଯିବା ପାଇଁ ପ୍ଲାନିଂ କରୁଛନ୍ତି, ତା'ହେଲେ ଟିକେ ସାବଧାନତା ଅବଲମ୍ବନ କରିବାକୁ ହେବ। କାରଣ ଏଠାରେ ଥିବା ପାହାଡ଼ ପର୍ବତ ବୁଲିବାବେଳେ ବର୍ଷାରେ ଗୋଡ଼ ଖସିଯିବାର ସମ୍ଭାବନା ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଟ୍ରେନ୍ ହେଉ ଅବା ବସ୍ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏଠାରେ ପହଁଞ୍ଚି ବୁଲିପାରିବେ।



# ନିର୍‌ମା ଗର୍ଲ

ୱାଶିଂ ପାଉଡର୍ ନିର୍‌ମା... ବିଜ୍ଞାପନଟି ସମସ୍ତେ ଦେଖିଥିବେ। ଯାହାର ସୁନ୍ଦର ଜିଙ୍ଗଲ୍ ଏବଂ ପ୍ୟାକେଟ୍‌ରେ ଥିବା ଫ୍ରକ ପିନ୍ଧା କୁନି ଝିଅର ଫଟୋ ତ ଆଜିଯାଏ ସମସ୍ତଙ୍କ ମନରେ ଘର କରି ରହିଛି। ତେବେ କେବେ ଭାବିଛନ୍ତି କି ନିର୍‌ମା ପ୍ୟାକେଟ୍‌ର ସେଇ କୁନି ଝିଅଟି କିଏ? ଜାଣନ୍ତୁ ସେହି ନିର୍‌ମା ଗର୍ଲ ସମ୍ପର୍କରେ...




ନିର୍‌ମା ୱାଶିଂ ପାଉଡ଼ର୍ ପ୍ୟାକେଟ୍‌ରେ ଦୁଇ ହାତକୁ ପ୍ରସାରିତ କରି ଘିରି ଘିରି ବୁଲୁଥିବା କୁନି ଝିଅର ଫଟୋ ସମସ୍ତେ ଦେଖିଥିବେ। ସମୟ ସହ ପ୍ୟାକେଟ୍ ଡିଜାଇନ୍‌ରେ ପରିବର୍ତ୍ତନ ଆସିଛି। ହେଲେ ସେଇ କୁନି ଝିଅର ଫଟୋ ପ୍ୟାକେଟ୍‌ରେ ଆଜିବି ଦେଖିବାକୁ ମିଳେ। ଜାଣନ୍ତି ସେ ଝିଅଟି କିଏ ? ଝିଅଟିର ନାଁ ହେଉଛି 'ନିରୁପମା'। ଏଇ ଝିଅର ନାମାନୁସାରେ ହିଁ ଉକ୍ତ ୱାଶିଂ ପାଉଡ଼ର୍‌ର ନାମ 'ନିର୍‌ମା' ରଖାଯାଇଛି। ଗୁଜୁରାଟର କରସଣ ଭାଇ ପଟେଲ୍ ହେଉଛନ୍ତି ନିର୍‌ମା ୱାଶିଂ ପାଉଡର କମ୍ପାନୀର ମାଲିକ। ଆଉ କରସଣ ଭାଇଙ୍କର ଝିଅ ଥିଲେ ନିରୁପମା, ଯାହାକୁ ସେ ଆଦରରେ 'ନିର୍‌ମା' ବୋଲି ଡାକୁଥିଲେ। ୧୯୬୯ରେ ସେ ୱାଶିଂ ପାଉଡ଼ର୍ ତିଆରି କରିଥିଲେ। କୃଷକ ପରିବାରର କରସଣ ଭାଇ କେମେଷ୍ଟ୍ରିରେ ଗ୍ରାଜୁଏଟ ଥିଲେ। ଆଉ ପ୍ରଥମେ ସେ ଅହମଦାବାଦର ନ୍ୟୁ କଟନ୍ସ ମିଲରେ ଜଣେ ଲ୍ୟାବ ଟେକ୍‌ନିସିଆନ୍ ଓ ପରେ ଗୁଜୁରାଟ ସରକାରଙ୍କ ଜିଓଲୋଜି ଓ ମାଇନିଂରେ କାମ କରୁଥିଲେ। ବିଭିନ୍ନ ରାସାୟନିକ ପଦାର୍ଥ ଉପରେ ଜ୍ଞାନ ଥିବାରୁ ସେ ନିଜେ ଏକ ୱାଶିଂ ପାଉଡର ତିଆରି କରିପାରିଥିଲେ। ନିଜ ହାତରେ ଘର ପଛପଟେ ଖାଲି ପଡ଼ିଥିବା ଜାଗାରେ ସେ ୱାଶିଂ ପାଉଡର ତିଆରି କରୁଥିଲେ। ଆଉ ଅଫିସ୍‌ରୁ ଫେରିବା ପରେ ସନ୍ଧ୍ୟାବେଳେ ସାଇକେଲରେ ଘର ଘର ବୁଲି ତାକୁ ବିକ୍ରି କରିବା ଆରମ୍ଭ କରିଥିଲେ। ଚାକିରି ବାଦ୍ ଏହାଥିଲା ତାଙ୍କର ୱାନ୍ ମ୍ୟାନ୍ କମ୍ପାନୀ। ବଜାରରେ ମିଳୁଥିବା ଭଲ ବ୍ରାଣ୍ଡର ୱାଶିଂ ପାଉଡର ଠାରୁ ଏକ ତୃତୀୟାଂଶ କମ୍ ଦାମ୍‌ରେ ଅର୍ଥାତ୍ କି.ଗ୍ରା. ପିଛା ମାତ୍ର ୩ ଟଙ୍କାରେ ସେ ୱାଶିଂ ପାଉଡର ବିକ୍ରି କରୁଥିଲେ। କମ୍ ଦାମ ଓ ଭଲ ପ୍ରଡକ୍ଟ ହୋଇଥିବାରୁ ଖୁବ୍ କମ୍ ଦିନରେ ଏହା ଲୋକଙ୍କର ପ୍ରିୟ ପାଲଟି ଯାଇଥିଲା। ତେବେ ଏହି ସମୟରେ ତାଙ୍କ ଝିଅ ନିର୍‌ମା ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଝିଅକୁ ଅମର ରଖିବା ଲାଗି ସେ ନିଜ ଡିଟରଜେଣ୍ଟ ପାଉଡରର ନାଁ 'ନିର୍‌ମା' ରଖିଲେ। ପାଖରେ ଥିବା ଝିଅର ଏକ ମାତ୍ର ଫଟୋ ଯେଉଁଥିରେ ସେ ଖୁସିରେ ଘିରି ଘିରି ବୁଲୁଥିଲା ତାକୁ ପ୍ୟାକେଟ୍‌ରେ ସ୍ଥାନ ଦେଲେ। ଚାକିରି ଛାଡି ନିଜ ବ୍ୟବସାୟକୁ ଧ୍ୟାନ ଦେଲେ। ଆଉ ଦିନକୁ ଦିନ ଏହା ଲୋକପ୍ରିୟ ହେବାକୁ ଲାଗିଲା। ତଥାପି ତାଙ୍କର ଲାଭ ହେଉ ନ ଥିଲା। କାରଣ ଦୋକାନୀମାନେ ଡିଟରଜେଣ୍ଟ ପାଉଡର କିଣୁଥିଲେ ସତ ହେଲେ ଟଙ୍କା ଦେଉ ନ ଥିଲେ। ଚାକିରି ନ ଥିଲା ଏଣେ ବ୍ୟବସାୟରେ କିଛି ଲୋକଙ୍କୁ ବି ରଖିଥିଲେ। ତେଣୁ ଯେମିତି ବି ହେଉ ବ୍ୟବସାୟକୁ ବଢାଇବାକୁ ହେବ ଭାବି ସେ ଡିଟରଜେଣ୍ଟ ପାଉଡ଼ର୍ ପାଇଁ ବିଜ୍ଞାପନ ତିଆରି କଲେ। ଗୃହିଣୀଙ୍କ ମନକୁ ପାଇଲା ଭଳି ଜିଙ୍ଗଲ୍ ସହ ବିଜ୍ଞାପନ ପ୍ରସ୍ତୁତ ହେଲା। ଆଉ ପ୍ରସାରଣ ପୂର୍ବରୁ ବଜାରରୁ ସବୁ ନିର୍‌ମା ପ୍ୟାକେଟ ଉଭାନ କରାଇଦେଲେ। ଯେବେ ବିଜ୍ଞାପନ ଟିଭିରେ ପ୍ରସାରିତ ହେଲା ଲୋକେ ଏତେ ପ୍ରଭାବିତ ହେଲେ ଯେ ନିର୍‌ମାକୁ ବଜାରରେ ଖୋଜିଲେ। ଆଉ ଦୋକାନୀମାନେ ବାଧ୍ୟ ହୋଇ ଉଚିତ ମୂଲ୍ୟ ଦେଇ ନିର୍‌ମା ପ୍ୟାକେଟ୍ କିଣିଲେ। ଆଉ ଦେଖୁ ଦେଖୁ ସର୍ଫ, ହିନ୍ଦୁସ୍ତାନ ଲିଭର୍ ପରି ବଡ଼ ବଡ଼ କମ୍ପାନୀଠାରୁ ବି ନିର୍‌ମା ଆଗେଇଗଲା। ଫଳରେ ବ୍ୟବସାୟ ବଢିଲା ଓ ଝିଅ ନିର୍‌ମା ବି ଘରେ ଘରେ ପରିଚିତ ହେଇଗଲା। ଆଉ ସବୁଦିନ ପାଇଁ ଅମର ହେଇଗଲା।






# ବାର୍ବି ଥିମ୍ କଫିନ୍





ବାର୍ବି ଡ଼ଲ୍‌ର କ୍ରେଜ୍ ନା କେବଳ ପିଲା ବରଂ ବଡ଼ମାନଙ୍କଠାରେ ବି ଦେଖିବାକୁ ମିଳେ। ଏବେ ତ ବାର୍ବି ଡ଼ଲକୁ ନେଇ ଏକ ହଲିଉଡ୍ ଚଳଚ୍ଚିତ୍ର ବି ରିଲିଜ ହୋଇଛି। ଯାହାର କ୍ରେଜ୍ ସାରା ପୃଥିବୀରେ ଦେଖିବାକୁ ମିଳୁଛି। ଫଳରେ ଲୋକେ ବାର୍ବି ପାଇଁ ଏତେ ପାଗଳ ହୋଇଯାଇଛନ୍ତି ଯେ, ମୃତ୍ୟୁ ପରର ଯାତ୍ରା ବି ବାର୍ବି ସହ କରିବାକୁ ଚାହୁଁଛନ୍ତି। ତେଣୁ ଅନେକେ ଗୋଲାପୀ ରଙ୍ଗର ବାର୍ବି ଥିମ୍ କଫିନ୍ କିଣିବା ଆରମ୍ଭ କରି ଦେଇଛନ୍ତି। ଆଉ ଏହାର ଚାହିଦା ଏତେ ବଢି ଯାଇଛି ଯେ, କଫିନ୍‌ର ବିକ୍ରି ଜୋର୍ ଧରିଛି। ଖାସ୍‌କରି ମେକ୍ସିକୋ, ଅଲ ସାଲ୍ଭାଡୋର ଓ ପୁରା ଲାଟିନ୍ ଆମେରିକାରେ ପିଙ୍କ କଲର୍ ବାର୍ବି ଥିମ୍ କଫିନ୍‌ର କ୍ରେଜ୍ ଦେଖିବାକୁ ମିଳୁଛି। ଆଉ ଏହା ଦେଖି କଫିନ୍‌ରେ ୩୦ ପ୍ରତିଶତ ଡିସ୍‌କାଉଣ୍ଟ ବି ଦିଆଯାଉଛି। ଲୋକେ ନିଜର ଶେଷଯାତ୍ରାକୁ ବାର୍ବି ଦୁନିଆ ପରି ରଙ୍ଗିନ ଓ ସୁନ୍ଦର କରିବାକୁ ଚାହୁଁଥିବାରୁ ଏହି କଫିନ୍‌ର ଚାହିଦା ବଢୁଛି ବୋଲି କୁହାଯାଉଛି।

ବ୍ୟାକ୍ ପେଜ୍

# ବେବି ମ୍ୟୁଟ୍ ମାସ୍କ

ପିଲା ହସରେ ସମସ୍ତେ ହସନ୍ତି। ତାଙ୍କ ହସରେ ତ ଘର ପୁରି ଉଠେ। ତେଣୁ ପିଲା କାନ୍ଦିଲେ କେହି ସହି ପାରନ୍ତି ନାହିଁ। ବେଳେବେଳେ ତ ପିଲାମାନେ ଏତେ ଜୋର୍‌ରେ କାନ୍ଦନ୍ତି ଯେ ତାଙ୍କୁ ଚୁପ୍ କରାଇବା ବହୁତ କାଠିକର ପାଠ ହୋଇଯାଏ। ସବୁ କାମ ଦାମ ଛାଡ଼ି ସମସ୍ତେ ତାକୁ ଚୁପ୍ କରାଇବାରେ ଲାଗି ଯାଆନ୍ତି। ଏହି ସମୟରେ ଯେତେ ଜରୁରୀ କାମ ଥିଲେ ବି କରି ହୁଏନା। ଏହାକୁ ନଜରରେ ରଖି ଆସିଛି ବେବି ମ୍ୟୁଟ୍ ନାମକ ଏକ ମାସ୍କ। ଏହାକୁ ପିନ୍ଧିବା ପରେ ପିଲା ଶାନ୍ତ



ହେଇଯିବେ। ଯଦି ବି ପିଲା କାନ୍ଦେ ତାହା ବାହାରକୁ ଶୁଭିବ ନାହିଁ। ଯଦ୍ୱାରା କୌଣସି ଫୋନ୍ କଲ୍ ରିସିଭ୍ କରିବା ଓ ଅଫିସ୍ କାମ ସହଜରେ କରିହେବ। ଫ୍ଲାଇଟ୍‌ରେ ଗଲାବେଳେ, ଫିଲ୍ମ ଦେଖିବାବେଳେ, କାର୍‌ରେ ଗଲାବେଳେ ଏହି ମାସ୍କକୁ ପିଲାଙ୍କ ମୁହଁରେ ଲଗାଇଦେଲେ ପିଲାଙ୍କ ପାଟି ଓ ନାକ ଘୋଡାଇ ହୋଇଯାଏ। ଯଦ୍ୱାରା ପିଲାଙ୍କ କାନ୍ଦ ଶବ୍ଦ ବାହାରକୁ ୮୭% କମ୍ ଶୁଭିବ। ଏହି ମାସ୍କକୁ କିନ୍ତୁ ଅନେକେ ନାପସନ୍ଦ କରୁଛନ୍ତି। ସେମାନଙ୍କ ମତରେ ପିଲାଙ୍କ ଲାଗି ଏହା କ୍ଷତିକାରକ ସାବ୍ୟସ୍ତ ହୋଇପାରେ।



# ସେଲ୍ଫି ଟୋଷ୍ଟର



ସେଲ୍ଫିର କ୍ରେଜ୍ ଦିନକୁ ଦିନ ବଢିବାରେ ଲାଗିଛି। ବାଟେ ଘାଟେ ସବୁଠି ଲୋକେ ସେଲ୍ଫି ନେଉଥିବା ଦେଖିବାକୁ ମିଳୁଛନ୍ତି। ଏହି କ୍ରେଜ୍‌କୁ ନଜରରେ ରଖି ଏକ ଅଜବ ଇଲେକ୍ଟ୍ରୋନିକ ସାମଗ୍ରୀ ତିଆରି କରାଯାଇଛି। ତାହା ହେଉଛି ୱରମୋଣ୍ଟ ନୋବେଲ୍ଟି ଟୋଷ୍ଟର କର୍ପୋରେଶନ୍ ଦ୍ୱାରା ନିର୍ମିତ ଏକ ଟୋଷ୍ଟର୍। ଏହା ଏଭଳି ଏକ ଟୋଷ୍ଟର ଯାହା ବ୍ରେଡ୍ ଉପରେ ଆପଣଙ୍କ ଫଟୋ ତିଆରି କରିଦେବ। ତେଣୁ ଏହାର ନାମ 'ସେଲ୍ଫି ଟୋଷ୍ଟର' ରଖା ଯାଇଛି। ଏହା ଏକ କଷ୍ଟୋମାଇଜ୍‌ଡ ଟୋଷ୍ଟର ଅଟେ। ଯେଉଁଥିରେ କମ୍ପାନୀ ଅର୍ଡର କରୁଥିବା ଗ୍ରାହକଙ୍କ ଫଟୋକୁ ଏକ ଫ୍ରେମ୍‌ରେ ଡିଜାଇନ୍ କରିଥାଏ। ବ୍ରେଡ ସହ ସେହି ଫ୍ରେମ୍ ଟୋଷ୍ଟର୍‌ରେ ରହେ। ଆଉ ବ୍ରେଡ ଟୋଷ୍ଟ ହେବାବେଳେ ଫ୍ରେମ୍‌ରେ ଥିବା ବ୍ୟକ୍ତିଙ୍କ ଫଟୋ ବ୍ରେଡ୍‌ରେ ଆସିଯାଏ। ଏହାର ମୂଲ୍ୟ ୭୫ ଡଲାର ରହିଛି। ନିଜ ଫଟୋ ବ୍ରେଡ ଉପରେ ପାଇ ଗ୍ରାହକ ଖୁସି ହୋଇ ଯାଆନ୍ତି।





# ଦାମୀ କେଟ୍‌ଲୀ



ଚା' ପ୍ରିୟ ଲୋକ ସାରା ପୃଥିବୀରେ ଅଛନ୍ତି। ଆଉ ତାକୁ ଅନେକେ ନିଜ ନିଜ ପସନ୍ଦର ଢଙ୍ଗରେ ପିଅନ୍ତି। ତେବେ ଚା'କୁ ସର୍ଭ କରିବା ଲାଗି ପ୍ରାୟ ସମସ୍ତେ ଗୋଟିଏ ଜିନିଷ ବ୍ୟବହାର କରନ୍ତି। ସେ ହେଉଛି କେଟ୍‌ଲୀ। ଚା'କୁ ଗରମ ରଖିବା ଓ ସହଜରେ କପ୍‌ରେ ଢାଳିବାରେ ଏହା ସାହାଯ୍ୟ କରିଥାଏ। ହେଲେ ଏମିତି ବି ଏକ କେଟ୍‌ଲୀ ଅଛି ଯେଉଁଥିରେ ଚା' ରଖିବା ପୂର୍ବରୁ ଅନେକ ଥର ଭାବିବାକୁ ପଡ଼ିବ। କାରଣ ଏହା ଯେମିତି ସୁନ୍ଦର ସେମିତି ଦାମୀ ମଧ୍ୟ। ସୁନା, ହୀରା, ରୁବି ଆଦିରେ ନିର୍ମିତ ଉକ୍ତ କେଟ୍‌ଲୀ ପୃଥିବୀର ସବୁଠାରୁ ଦାମୀ କେଟ୍‌ଲୀ ଭାବେ ପରିଚିତ। ବ୍ରିଟେନ୍‌ର ଏନ ସାଠିୟା ଫାଉଣ୍ଡେଶନ୍ ଦ୍ୱାରା ନିର୍ମିତ ଏହି କେଟ୍‌ଲୀ ୧୮ କ୍ୟାରେଟ୍ ସୁନାରେ ତିଆରି। ଆଉ ଏହାର ବାହାରପଟ ଭାଗ ସମ୍ପୂର୍ଣ୍ଣଭାବେ ହୀରାରେ ଖଚିତ ହୋଇଛି। ତା'ସହ ମଝିରେ ୬.୬୭ କ୍ୟାରେଟ୍ ରୁବି ଲାଗିଛି। କେଟ୍‌ଲୀର ହ୍ୟାଣ୍ଡେଲ ଉଦ୍ଧାର କରାଯାଇଥିବା ମାମଥ୍ ଜୀବଶ୍ମର ଦାନ୍ତରୁ ତିଆରି କରାଯାଇଛି। ୨୦୧୬ରେ ଏହାର ମୂଲ୍ୟ ଆକଳନ କରାଯାଇଥିଲା। ଆଉ ତାହା ଥିଲା ୨୪ କୋଟି ଟଙ୍କା। ଏବେ ତ ଏହାର ମୂଲ୍ୟ ଆହୁରି ଅଧିକ ହେବ ବୋଲି କୁହାଯାଉଛି।